بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 6

ସଂଖ୍ୟା 35

ସାପ୍ତାହିକ ବଦର

Weekly BADAR Qadian

କାଦିଆନ

Odia

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

02 ସେପ୍ଟେମ୍ବର 2021 | 02 ତବୁକ୍ 1400 ହି.ଶ | 23 ମୋହରମ୍ 1443 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

مَا الۡمَسِیۡحُ ابۡنُ مَرۡیَمَ اِلَّا رَسُوۡلٌ ۚ قَدۡ خَلَتۡ مِنۡ قَبۡلِہِ الرُّسُلُ ؕ

(المائدہ:76)

ଅନୁବାଦ- ମରିୟମ-ନନ୍ଦନ ମସିହ କେବଳ ଜଣେ ରସୁଲ ଥିଲେ; ତାହାଙ୍କ ପୂର୍ବରୁ ରସୁଲମାନେ (ମଧ୍ୟ) ମୃତ୍ୟୁବରଣ କରିଛନ୍ତି ।

*(ଅଲ୍‌ମାଇଦା: ୭୬)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ]କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍ରିହି ୱ ଅମ୍ରିହି ॥**

**ମଣିଷକୁ ଯେଉଁ ଶକ୍ତି ଓ ସାମର୍ଥ୍ୟ ଦିଆଯାଇଅଛି, ଯଦି ସେ ସେଗୁଡ଼ିକୁ ବ୍ୟବହାର କରେ, ସେ ନିଶ୍ଚିତ ଭାବରେ ଜଣେ ୱଲି (ଅର୍ଥାତ ସାଧୁ/ସନ୍ଥ) ହୋଇପାରିବ ।**

**କେହି ବି ନିଜକୁ ଏଥିରୁ ବଂଚିତ ଅନୁଭବ କରିବା ଉଚିତ ନୁହେଁ । କ'ଣ ଈଶ୍ୱର ସାଧୁମାନଙ୍କର କିଛି ତାଲିକା ପ୍ରକାଶ କରିଛନ୍ତି ଯେ ସେଥିରୁ ଏକଥା ଭାବି ନେବା ଯେ ଆମେ ସେଥିରେ ଅଂଶୀଦାର ହୋଇପାରିବା ନାହିଁ ।**

## ହଜରତ ମସିହ ମଉଦଆ.ସଙ୍କ ନୀତି ବାଣୀ

ମୁଁ ସତ୍ୟ କହୁଅଛି ଯେ ସର୍ବଶକ୍ତିମାନ ଈଶ୍ୱର ଆମର ଅସୁବିଧାଗୁଡ଼ିକୁ ସହଜ କରିଦେଇଛନ୍ତି । କାରଣ ଆମ ଆଧ୍ୟାତ୍ମିକ ଅନୁସନ୍ଧାନର ମାର୍ଗ ଅନ୍ୟମାନଙ୍କଠାରୁ ଭିନ୍ନ । ଆମ ଆଧ୍ୟାତ୍ମିକ ଅନୁସନ୍ଧାନର ଅବସ୍ଥା ଏପରି ନାହିଁ କି ଅଂଟା ନୁଆଁଇ ରହିବା, ନଖ ବଢ଼ାଇବା, ପାଣିରେ ଛିଡ଼ା ହୋଇ ରହିବା, ଚିଲାକଶି କରିବା ବା ହାତ ଶୁଖାଇବା ଏବଂ ଏପରି ଅବସ୍ଥାରେ ପହଂଚିଯିବା ଯେ ଚେହେରା ବି ବିକୃତ ହୋଇଯିବ । ଏହି ସମସ୍ତ ଅବସ୍ଥାକୁ ଗ୍ରହଣ କରି ନିଜ କଳ୍ପନାରେ ସେହି ଲୋକମାନେ ଈଶ୍ୱରଙ୍କ ନିକଟତର ହେବାକୁ ଚାହିଁଥାନ୍ତି କିନ୍ତୁ ମୁଁ ଏହା ଅବଲୋକନ କରୁଅଛି ଏତଦ୍ ଦ୍ୱାରା ଈଶ୍ୱରଙ୍କ ମିଳିବା କଥା ତ' ଛାଡ଼ନ୍ତୁ ମାନବିକତା ବି ଶେଷ ହୋଇଯାଉଛି କିନ୍ତୁ ଆମ ଆଧ୍ୟାତ୍ମିକ ଅନୁସନ୍ଧାନର ପଦ୍ଧତି ଏପରି ନୁହେଁ । ବାସ୍ତବରେ ଇସ୍‌ଲାମ୍ ଅତି ସହଜ ମାର୍ଗ ଖୋଲି ରଖିଛି ଏବଂ ତାହା ବହୁତ ପ୍ରଶସ୍ତ ମାର୍ଗ ଅଟେ । ଯାହାର ବର୍ଣ୍ଣନା ଅଲ୍ଲାଃ ତାଲା ଏପରି କରିଛନ୍ତି:- **ଏହ୍‌ଦେନସ୍ ସିରାତଲ୍ ମୁସ୍‌ତକିମ୍ (ଅଲ୍‌ଫାତିହା:୬)** ଅର୍ଥାତ ଆମକୁ ସଠିକ୍ ମାର୍ଗଦଶର୍ନ କରାଅ । ଏବେ ଦେଖନ୍ତୁ ଅଲ୍ଲାଃ ତାଲା ଆମକୁ ଯେଉଁ ଦୁଆ ଶିଖାଇଛନ୍ତି, ତାହା ଏପରି ନୁହେଁ ଯେ ଦୁଆ ତ' ଶିଖାଇ ଦେଲେ କିନ୍ତୁ ଆମ ପାଇଁ ଉପଯୁକ୍ତ ମାଧ୍ୟମ ଯୋଗାଇ ନାହାନ୍ତି । ବାସ୍ତବିକ ଯେଉଁଠି ଆମକୁ ଏହି ପ୍ରାର୍ଥନା ଶିଖାଇଛନ୍ତି, ସେଠାରେ ତାହା ଗ୍ରହଣ କରିବା ପାଇଁ ମାଧ୍ୟମ ମଧ୍ୟ ଯୋଗାଇ ଦେଇଛନ୍ତି । ଅତଏବ୍ ପରବର୍ତ୍ତୀ ସୁରଃରେ ଏହା ଗ୍ରହଣୀୟ ହେବାର ସଙ୍କେତ ରହିଛି । ସେଠାରେ ସେ ଦର୍ଶାଇଛନ୍ତି:- **ଜାଲିକଲ୍ କିତାବୁ ଲା ରୈବା ଫିହି ହୁଦଲ୍ ଲିଲ୍ ମୁତ୍‌ତକିନ୍ (ଅଲ୍ ବକ୍‌ରାଃ:୩)** ଅର୍ଥାତ:- ଏହା ଏକ ପରିପୂର୍ଣ୍ଣ ଗ୍ରନ୍ଥ, ଯହିଁରେ କୌଣସି ସନ୍ଦେହ ନାହିଁ, ଏହା ଧର୍ମପରାୟଣମାନଙ୍କୁ ସତ୍‌ପଥରେ ପରିଚାଳିତ କରାଏ । ଏହା ହେଉଛି ଏପରି ନିମନ୍ତ୍ରଣ ଯାହାର ସାମଗ୍ରୀ ପୂର୍ବରୁ ପ୍ରସ୍ତୁତ ହୋଇରହିଛି ।

ଅତଏବ ମଣିଷକୁ ଯେଉଁ ଶକ୍ତି ଓ ସାମର୍ଥ୍ୟ ଦିଆଯାଇଅଛି, ଯଦି ସେ ସେଗୁଡ଼ିକୁ ବ୍ୟବହାର କରେ, ସେ ନିଶ୍ଚିତ ଭାବରେ ଜଣେ ୱଲି (ଅର୍ଥାତ ସାଧୁ/ସନ୍ଥ) ହୋଇପାରିବ । ମୁଁ ଦୃଢ଼ତାର ସହ କହୁଛି ଯେ ଏହି ସମ୍ପ୍ରଦାୟରେ ମହାନ୍ ବ୍ୟକ୍ତି ସବୁ ଆସିଛନ୍ତି ଯେଉଁମାନେ ଜ୍ୟୋତି, ସତ୍ୟ ଏବଂ ବିଶ୍ୱାସରେ ପରିପୂର୍ଣ୍ଣ ହୋଇ ରହିଛନ୍ତି । କେହି ବି ନିଜକୁ ଏଥିରୁ ବଂଚିତ ଅନୁଭବ କରିବା ଉଚିତ ନୁହେଁ । କ'ଣ ଈଶ୍ୱର ସାଧୁମାନଙ୍କର କିଛି ତାଲିକା ପ୍ରକାଶ କରିଛନ୍ତି ଯେ ସେଥିରୁ ଏକଥା ଭାବି ନେବା ଯେ ଆମେ ସେଥିରେ ଅଂଶୀଦାର ହୋଇପାରିବା ନାହିଁ । ସର୍ବଶକ୍ତିମାନ ପରମେଶ୍ୱର ଅତ୍ୟନ୍ତ ଉଦାର । ତାହାଙ୍କ ଅନୁଗ୍ରହର ଏକ ଗଭୀର ସମୁଦ୍ର ରହିଛି ଯାହା କଦାପି ଶେଷ ହୋଇପାରିବ ନାହିଁ ଏବଂ କୌଣସି ସନ୍ଧାନକାରୀ ଏବଂ ଇଚ୍ଛୁକ ବଂଚିତ ରହି ନାହାନ୍ତି । ତେଣୁ ତୁମକୁ ଏହା ଦରକାର ଯେ ତୁମେ ରାତିରେ ଉଠି ଦୁଆ (ପ୍ରାର୍ଥନା) କର ଏବଂ ତାହାଙ୍କ ଅନୁଗ୍ରହକୁ ଖୋଜ । ସେଥିରେ ଅନେକ ସୁଯୋଗ ରହିଛି । ରୁକୁ (ନଇଁବା), କୟାମ୍ (ଛିଡ଼ା ହେବା), କାଆଦାଃ (ବସିବା) ଏବଂ ସଜ୍‌ଦାଃ (ନତମସ୍ତକ ହେବା) ଇତ୍ୟାଦି । ଆଠ ପ୍ରହରରେ ପାଂଚଥର ନମାଜ ପଢ଼ିବାକୁ ପଡ଼ିଥାଏ । ଫଜର୍, ଜୋହର୍, ଅସର୍, ମଗ୍‌ରିବ ଏବଂ ଇଶା । ପୁଣି ଏତଦ୍‌ବ୍ୟତିତ ଇଶ୍‌ରାକ୍ ଓ ତହଜ୍ଜୁଦ୍ ନମାଜ ମଧ୍ୟ ରହିଛି । ଦୁଆ (ପ୍ରାର୍ଥନା) କରିବା ପାଇଁ ଏ ସବୁ ଗୋଟିଏ ଗୋଟିଏ ସୁଯୋଗ । ***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୧୯ ମୁଦ୍ରଣ ପ୍ରକାଶନ ୨୦୧୮ କାଦିୟାନ)***

**ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲହାଫିଜୁନ୍ ଅର୍ଥାତ:- ଶୁଣି ରଖ ! ଆମ୍ଭେ ହିଁ ପ୍ରକୃତରେ ଆମ୍ଭେ ହିଁ ଏହି ସମ୍ମାନଜନକ ବାଣୀକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ କରିଅଛୁ । ଏବଂ ଆମ୍ଭେ ଆମ୍ଭ ନିଜର ରାଣ ଖାଇ କହୁଅଛୁ ଯେ ଅବଶ୍ୟ ଆମ୍ଭେ ସ୍ୱୟଂ ଏହାର ସୁରକ୍ଷା କରିବୁ । ଅଲ୍ଲାଃ ଅଲ୍ଲାଃ ଏହି ବାଣୀରେ କେତେ ଗୁରୁତ୍ୱ ଦିଆଯାଇଅଛି ଓ ଏଥିରେ କେତେ ଦୃଢ଼ ପ୍ରତିଶୃତି ଦିଆଯାଇଅଛି ।**

**ଏହି ବାଣୀର ମହାନତା ଏତେ ରହିଛି ଯେ ଏହାର ସୁରକ୍ଷା ପାଇଁ ଆମ୍ଭେ ସ୍ୱୟଂ ଆସିବୁ ଓ ଦେଖିବୁ ଯେ କିଏ ଏମିତି ଅଛି ଯିଏ ଏହି ବାଣୀ ଉପରେ କୁଦୃଷ୍ଟି ପକାଇ ହାତ ମାରିବ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଅଲ୍ ହିଜର୍‌ର ଆୟତ ନଂ-୧୦ **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲହାଫିଜୁନ୍** ର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି:-

ଏହା ଅତ୍ୟନ୍ତ ଉଚ୍ଚକୋଟିର ଆୟତ ଅଟେ । ଏହା ଏତେ ଅଦ୍ଭୁତ ଯେ ପବିତ୍ର କୁର୍‌ଆନ୍‌ର ସତ୍ୟତାର ପ୍ରମାଣ ସ୍ୱରୁପ ଏହି ଆୟତଟି ଏକାକୀ ଯଥେଷ୍ଟ । ଏଥିରେ କେତେ ଗୁରୁତ୍ୱ ଦୁଆଯାଇଅଛି । ପ୍ରଥମେ ଇନ୍ନା ଶବ୍ଦ ବ୍ୟବହାର କରାଯାଇଛି ପୁଣି ନା ର ଗୁରୁତ୍ୱ ନହ୍‌ନୁ ସହିତ କରାଯାଇଛି ପୁଣି ତା ଆଗକୁ ଆଉ ଏକ ଇନ୍ନା ଏବଂ ଲାମ୍ ବ୍ୟବହାର କରାଯାଇଅଛି । ସତେ ଯେପରି ଗୁରୁତ୍ୱ ଉପରେ ଗୁରୁତ୍ୱ ଦିଆଯାଇଅଛି । କୁଫ୍‌ଫାର୍ (ଅର୍ଥାତ ଅବିଶ୍ୱାସକାରୀମାନେ) **ଇନ୍ନକା ଲମଜ୍‌ନୁନ୍** ବାକ୍ୟରେ ଦ୍ୱିତୀୟ ଶବ୍ଦରେ

## ନବୀ ସ:ଆ:ସଙ୍କ ବାଣୀ

### ସାତଜଣ ବ୍ୟକ୍ତିଙ୍କୁ ଅଲ୍ଲାଃ ନିଜ ଛତ୍ରଛାୟା ତଳେ ରଖିବେ

(୧୪୨୩) ହଜ୍‌ରତ୍ ଅବୁ ହୁରୈରାଃ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ମୁହମ୍ମଦ ସ:ଆ:ସ କହିଛନ୍ତି: ସାତଜଣ ଏପରି ବ୍ୟକ୍ତି ଅଛନ୍ତି ଯାହାଙ୍କୁ ଅଲ୍ଲାଃ ତାଲା ନିଜ ଛତ୍ରଛାୟା ତଳେ ରଖିବେ, ଯେଉଁ ଦିନ ତାହାଙ୍କ ଛତ୍ରଛାୟା ବ୍ୟତୀତ ଅନ୍ୟ କୌଣସି ଛାଇ ନଥିବ । ନ୍ୟାୟବନ୍ତ ସମ୍ରାଟ, ଏପରି ବ୍ୟକ୍ତି ଯିଏ ଅଲ୍ଲାଃଙ୍କ ଉପାସନା କରି କରି ବଢ଼ିଥିବ, ଏପରି ବ୍ୟକ୍ତି ଯାହାର ହୃଦୟ ସଜ୍‌ଦାଃ (ଅର୍ଥାତ ଅଲ୍ଲାଃ ତାଲାଙ୍କ ସମ୍ମୁଖରେ ନତମସ୍ତକ ହେବା)ରେ ଲାଗି ରହିଥିବ, ଏପରି ବ୍ୟକ୍ତି ଯିଏ ଅଲ୍ଲାଃଙ୍କ ଖାତିର (ଅନ୍ୟମାନଙ୍କୁ) ଭଲପାଏ ଓ ସେଥିଯୋଗୁଁ ତାହା ସହିତ ସମ୍ପର୍କ ରଖିଥାଏ ଓ ସେଥିପାଇଁ ବି ତା'ଠାରୁ ଅଲଗା ହୋଇଥାଏ । ଏପରି ପୁରୁଷ ଯାହାକୁ ଜଣେ ଅନିନ୍ଦ୍ୟ ସୁନ୍ଦରୀ ଡ଼ାକିଥାଏ କିନ୍ତୁ ସେ (ତାକୁ) କହିଥାଏ ଯେ ମୁଁ ଅଲ୍ଲାଃଙ୍କୁ ଭୟ କରୁଛି, ଏପରି ବ୍ୟକ୍ତି ଯିଏ ସଦ୍‌କାଃ (ଦାନପୂଣ୍ୟ) କରିଥାଏ ଏବଂ ତାହାକୁ ଏପରି ଲୁଚାଇଥାଏ ଯେ ତା ବାମ ହାତକୁ ଏହା ଜଣାନଥାଏ  କି ତା'ର ଡ଼ାହାଣ ହାତ କ'ଣ ଖର୍ଚ୍ଚ କରିଛି ଏବଂ ଏପରି ବ୍ୟକ୍ତି ଯିଏ ଏକାନ୍ତରେ ଅଲ୍ଲାଃଙ୍କୁ ସ୍ମରଣ କରୁଥିବ ଓ ତା' ଆଖିରୁ ଲୁହ ଝରୁଥିବ ।

(୧୪୨୪) ହଜ୍‌ରତ୍ ହାରିସା ବିନ୍ ୱହବ୍ ଖଜାଇ ର:ଅ ବର୍ଣ୍ଣନା କରିଛନ୍ତି ଯେ ମୁଁ ନବୀ ସ:ଆ:ସଙ୍କଠାରୁ ଶୁଣିଛି, ଆପଣ ସ:ଆ:ସ କହୁଥିଲେ: ସଦ୍‌କାଃ କର କାରଣ ଏପରି ସମୟ ଶୀଘ୍ର ତୁମମାନଙ୍କ ପାଇଁ ଆସିବ ଯେ ମଣିଷ ନିଜର ସଦକାଃକୁ ନେଇ ଘୁରି ବୁଲିବ ଏପରି ଅବସ୍ଥା ଦେଖି ଅନ୍ୟ ଜଣେ (ତାକୁ) କହିବ: ଯଦି ତୁମେ ଏହା ଗତକାଲି ଆଣିଥାନ୍ତ ତା'ହେଲେ ମୁଁ ନିଶ୍ଚିତ ଭାବରେ ଗ୍ରହଣ କରିଥାନ୍ତି କିନ୍ତୁ ମୋର ଆଜି ଦରକାର ନାହିଁ । ***(ସହି ବୁଖାରୀ, ଖଣ୍ଡ-୩, କିତାବୁଲ୍ ଜକାତ୍, ମୁଦ୍ରଣ ୨୦୦୮ କାଦିଆନ୍)***

ଥିବା ତାଗିଦ୍ ଅର୍ଥାତ ଗୁରୁତ୍ୱକୁ ବ୍ୟବହାର କରି ଏହାର ପରିହାସ କରିଥିଲେ । ଏହାର ଜବାବରେ ଅଲ୍ଲାଃ ତାଲା ତାଗିଦ୍‌ର ଚାରୋଟି ମାଧ୍ୟମ ବିଷୟରେ କହିଲେ:- **ଇନ୍ନା ନହ୍‌ନୁ ନଜ୍ଜଲ୍‌ନଜ୍ ଜିକ୍‌ରା ୱ ଇନ୍ନା ଲହୁ ଲହାଫିଜୁନ୍** ଅର୍ଥାତ:- ଶୁଣି ରଖ ! ଆମ୍ଭେ ହିଁ ପ୍ରକୃତରେ ଆମ୍ଭେ ହିଁ ଏହି ସମ୍ମାନଜନକ ବାଣୀକୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ଉପରେ ଅବତୀର୍ଣ୍ଣ କରିଅଛୁ । ଏବଂ ଆମ୍ଭେ ଆମ୍ଭ ନିଜର ରାଣ ଖାଇ କହୁଅଛୁ ଯେ ଅବଶ୍ୟ ଆମ୍ଭେ ସ୍ୱୟଂ ଏହାର ସୁରକ୍ଷା କରିବୁ । ଅଲ୍ଲାଃ ଅଲ୍ଲାଃ ଏହି ବାଣୀରେ କେତେ ଗୁରୁତ୍ୱ ଦିଆଯାଇଅଛି ଓ ଏଥିରେ କେତେ ଦୃଢ଼ ପ୍ରତିଶ୍ରୁତି ଦିଆଯାଇଅଛି ।

ଏହି ଆୟତ ସମ୍ବନ୍ଧରେ ଏକଥା ମଧ୍ୟ ମନେରଖିବା ଉଚିତ ଯେ କୁଫ୍‌ଫାରମାନଙ୍କର ଉପହାସ କରିବାର ଗୋଟିଏ ଅର୍ଥ ଏହା ମଧ୍ୟ ମିଳୁଅଛି ଯେ ଏପରି ଏକ ମହାନ ବାଣୀ ଯାହା ଜଗତକୁ ସମ୍ମାନିତ କରିଛି, ତା ସହିତ ତ’ ଫରିସ୍ତା (ଅର୍ଥାତ ଦେବଦୂତମାନେ) ଆସିବା ଉଚିତ । ଅଲ୍ଲାଃ ତାଲା କହିଲେ ହେ ଅଜ୍ଞାନମାନେ ! ତୁମେ ଫରିସ୍ତା କହୁଛ । ଏହି ବାଣୀର ମହାନତା ଏତେ ରହିଛି ଯେ ଏହାର ସୁରକ୍ଷା ପାଇଁ ଆମ୍ଭେ ସ୍ୱୟଂ ଆସିବୁ ଓ ଦେଖିବୁ ଯେ କିଏ ଏମିତି ଅଛି ଯିଏ ଏହି ବାଣୀ ଉପରେ କୁଦୃଷ୍ଟି ପକାଇ ହାତ ମାରିବ । ଏହାର ଅର୍ଥ ନୁହେଁ ଯେ ଫରିସ୍ତାମାନେ ପବିତ୍ର କୁର୍‌ଆନ୍‌ର ସୁରକ୍ଷା କରନ୍ତି ନାହିଁ । କାରଣ ଯେତେବେଳେ ଈଶ୍ୱର, ଯିଏ ସ୍ୱଂୟ ହେଉଛନ୍ତି ମାଲିକ, ସେ ଯଦି ନିଜେ ସୁରକ୍ଷା କରୁଛନ୍ତି ତା ହେଲେ ଫରିସ୍ତାମାନେ ତ ସର୍ବପ୍ରଥମେ ସୁରକ୍ଷା କରିବେ । କିନ୍ତୁ **ଇନ୍ନା ଲହୁ ଲହାଫିଜୁନ୍** କହି ସେ ଆଉ ଗୋଟିଏ କଥା ଅଧିକା କହିଛନ୍ତି ଯେ ଏଥିରେ କିଛି ଏପରି ବୈଶିଷ୍ଟ୍ୟ ରହିଛି ଯାହାର ସୁରକ୍ଷା ଫରିସ୍ତାମାନେ ମଧ୍ୟ କରିପାରିବେ ନାହିଁ । ବରଂ ସର୍ବଶକ୍ତିମାନ ଅଲ୍ଲାଃ ନିଜେ ତାହାର ସୁରକ୍ଷା ଦାୟିତ୍ୱ ବହନ କରିଛନ୍ତି । ପ୍ରତ୍ୟେକ ଜିନିଷର ସୁରକ୍ଷା ଫରିସ୍ତାମାନେ ତ’ କରିଥାନ୍ତି କିନ୍ତୁ ସର୍ବଶକ୍ତିମାନ ଈଶ୍ୱରଙ୍କର ପ୍ରତ୍ୟକ୍ଷ ରୂପେ ସୁରକ୍ଷା ଦେବାରେ ଗୋଟିଏ କାରଣ ରହିଛି ଯାହା ପବିତ୍ର କୁର୍‌ଆନ୍‌କୁ ଅନ୍ୟ ଜିନିଷଠାରୁ ସ୍ୱତନ୍ତ୍ର କରିଥାଏ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୫, ପୃ-୧୪, ମୁଦ୍ରଣ ୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

tem ରହିଛି । Infrastucture ରହିଛି । ବିଭିନ୍ନ ଦେଶ ସହିତ ତା’ର ବାଣିଜ୍ୟିକ ସମ୍ପର୍କ ରହିଛି । ସାମାଜିକ ସମ୍ପର୍କ ରହିଛି । ଏହା ସତ୍ତ୍ୱେ ମଧ୍ୟ ତା’ ଉପରେ ପ୍ରତିବନ୍ଧକ ଲଗାଯାଇଅଛି ଫଳତଃ ତା’ ଦେଶରେ ତେଲ ଉତ୍ପାଦନ ହାର ହ୍ରାସ ପାଇ ୭୦ ପ୍ରତିଶତରୁ ତଳକୁ ଖସିଗଲାଣି । କିନ୍ତୁ ISIS ର ହାର କମ୍ ହେଉନାହିଁ । ସେମାନେଙ୍କ ତେଲ ସମୁଦ୍ରରେ ବହିଯାଉଛି ଏବଂ Crude oil ବୋତଲରେ ଭରି Carboot ଯେ ନେଇଯାଇ expert ତ କରୁନାହିଁ । କୌଣସି Tanker ଦ୍ୱାରା ହିଁ ଯାଉଛି । ବଡ଼ ବଡ଼ Oil Tanker ବଡ଼ ବଡ଼ Vessel ରେ ଯାଉଛି ।

ଅତଏବ ଅସଲ କଥା ହେଉଛି ଏହା କି । ଲୋକମାନେ ଇସ୍‌ଲାମ୍ ମଧ୍ୟରେ ବିଭ୍ରାଟ ସୃଷ୍ଟି କରିବାକୁ ଚାହୁଁଛନ୍ତି । ଏହା ବାସ୍ତବରେ ମୁନାଫିକ୍ (ଅର୍ଥାତ କପଟୀମାନଙ୍କ)ର ଫିତ୍‌ନା ଅଟେ । ଯାହା ପ୍ରାରମ୍ଭରୁ ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସମୟରେ ସୃଷ୍ଟି ହୋଇଥିଲା ଓ ପରେ ଆଉ ଟିକିଏ ବଢ଼ିକି ହେଲା ଏବଂ ଏବେ ପୁଣି ତାହା ବଢ଼ି ବଢ଼ି ଚାଲିଛି । ଏହି ଲୋକମାନେ ଇସ୍‌ଲାମ୍ ପ୍ରତି ସହାନୁଭୂତିଶୀଳ ନୁହଁନ୍ତି । ଇସ୍‌ଲାମ୍‌ର ବିରୋଧି ଅଟନ୍ତି ଏବଂ ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରମାନଙ୍କ ହାତରେ ମୂର୍ଖ ପ୍ରମାଣିତ ହେଉଛନ୍ତି । ଏହା ଏଥିସକାଶେ ହେଉଛି କି ସେମାନଙ୍କୁ ଟଙ୍କା ମିଳୁଛି ।

କିଛି ଗମ୍ଭୀର ଲୋକମାନେ ମଧ୍ୟ ଅଛନ୍ତି ଯେଉଁମାନେ ଇସ୍‌ଲାମ୍‌ର ସେବା କରିବାକୁ ଚାହୁଁଛନ୍ତି । ତେଣୁ ଏମାନେ ୟୁରୋପରୁ, ୟୁକେରୁ, ଅଷ୍ଟ୍ରେଲିଆରୁ, ଆମେରିକାରୁ ଏବଂ ବିଭିନ୍ନ ସ୍ଥାନରୁ ସେବା କରିବାପାଇଁ ଯାଉଛନ୍ତି ଓ ସମସ୍ତେ ଯାଇ Radicalise ହୋଇଯାଉଛନ୍ତି । ଅଷ୍ଟ୍ରେଲିଆରୁ ବିଗତ ଦିନଗୁଡ଼ିକରୁ ଏ ଖବର ମିଳିଲା ଯେ, କିଛି ଲୋକଙ୍କୁ ଏ କଥା ଅନୁଭବ ହୋଇଛି କି, ଏପରି କାର୍ଯ୍ୟକଳାପ ଠିକ୍ ନୁହେଁ ତେଣୁ ସେମାନେ ଲେଉଟି ଯିବାକୁ ଚାହୁଁଛନ୍ତି । କିନ୍ତୁ ଲେଉଟିବାର କୌଣସି ରାସ୍ତା ହିଁ ନାହିଁ । ସେମାନେ ଟ୍ରାପ ହୋଇଯାଇଛନ୍ତି ଯୁଦ୍ଧ କରି ମରିଯାଅ ବା ଆମେ ଯାହା କିଛି କହୁଛୁ ତାହା ମୁତାବକ କାମ କର ଯଦି ବାହାରକୁ ଯିବାପାଇଁ ଚେଷ୍ଟା କରିବ ତାହେଲେ ବି ମରିବ । କୌଣସି ରାସ୍ତା ନାହିଁ । ତେଣୁ ସେମାନେ ସେହିଠାରେ ହିଁ ରହିଗଲେ । ଏବେ ଏପରି ଲୋକମାନେ ସେଠାରୁ ବାର୍ତ୍ତା ପଠାଇଛନ୍ତି ।

ଏହିପରି ବିଗତ ଦିନ ମୁଁ ଗୋଟିଏ ବକ୍ତବ୍ୟରେ ଏକଥା ଚର୍ଚ୍ଚା କରିଥିଲି ଯେ, ଜଣେ ଫ୍ରେଂଚ ଜର୍ନାଲିଷ୍ଟକୁ ମୁକ୍ତ କରିଦିଆଯାଇଥିଲା ସେ ଆସି ସମସ୍ତଙ୍କୁ ଏକଥା ବତାଇଲା ଯେ, ଆମେ ଏ କଥା ଜାଣିନାହୁଁ ଯେ, ପବିତ୍ର କୁର୍‌ଆନ୍ କ’ଣ କହୁଛି ତଥା ହଦିସ୍ କ’ଣ କହୁଛି । ତା ସହିତ କୌଣସି ସମ୍ପର୍କ ନାହିଁ । ଆମେ ଏକଥା ଜାଣିଛୁ ଯେ, ଆମେ କ’ଣ କହୁଅଛୁ । ଏବେ ତାଙ୍କର ଲିଡ଼ରଶିପ୍ ମଧ୍ୟ କିଏ କରୁଛି ଜଣାନାହିଁ । ପ୍ରଥମେ ଅବୁବକର ବଗ୍‌ଦାଦିର ନାମ ନିଆଯାଉଥିଲା ପୁଣି ତା’ ପରେ ଯେଉଁ ସେକେଣ୍ଡାରୀ କମାଣ୍ଡର ଥିଲା, ବିଗତ ଦିନ ଆମେରୀକା ଏ ଘୋଷଣା କଲା ଯେ, ଆମେ ତାକୁ ମଧ୍ୟ ମାରିଦେଇଛୁ । ତେବେ ଏ ତୃତୀୟ ବ୍ୟକ୍ତି କିଏ ଆସିଛି ତେଣୁ ଏହି ପ୍ରକାରର ଲୋକଙ୍କୁ ସେମାନେ ନିଜ ଡ଼ୋରିରେ ବାନ୍ଧି ଏପଟ ସେପଟ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣ କହୁଛନ୍ତି ଯେ ଦୋଷି କିଏ ? ମୁସଲମାନମାନଙ୍କର ଏହି ଗୋଷ୍ଠୀ ହିଁ ଦୋଷି ଅଟନ୍ତି । ଏହା ତ’ କେବଳ ଗୋଷ୍ଠୀ ମଧ୍ୟରେ ସିମୀତ । ପୁଣି ସରକାରଙ୍କ ଆଡ଼କୁ ଆସନ୍ତୁ ସେହି ସରକାରଗୁଡ଼ିକ ମଧ୍ୟ ପାଶ୍ଚାତ୍ୟଦେଶଗୁଡ଼ିକୁ ଦେଖୁଛନ୍ତି, ବଡ଼ ବଡ଼ ଶାକ୍ତିଶାଳୀ ରାଷ୍ଟ୍ରମାନଙ୍କୁ ଦେଖୁଛନ୍ତି ଓ ସେହି ବଡ଼ ଶକ୍ତିଗୁଡ଼ିକ ଏମାନଙ୍କ ଡ଼ୋରିକୁ ଭିଡ଼ି ରଖିଛନ୍ତି । କୁହାଯାଉଛି ଯେ, ସାଉଦୀ ଆରବର ସମ୍ରାଟ ଏବେ ନିଜ ଆଡୁ ବହୁତ ସାହାସ ପ୍ରଦର୍ଶନ କରିଛନ୍ତି ଯେ, ସେଠାରେ ଆମେରିକା ୬ ୭ ହେଡ୍ ଅଫ୍ ଷ୍ଟେଟ୍ ର ମିଟିଙ୍ଗ କଲ୍ କଲା । ଏଥିରେ ସମ୍ରାଟ କହିଲେ ଯେ, ମୁଁ ଯିବିନାହିଁ ମୋ ପ୍ରତିନିଧିଙ୍କୁ ପଠାଇବି ଏହା ଦେଖି ଲୋକମାନେ ଭାବୁଛନ୍ତି ଯେ, ବାଃ ବାଃ ବହୁତ ବଡ଼ କାମ ହୋଇଗଲା । କିନ୍ତୁ ଲୋକମାନେ ଏକଥା ଜାଣିନାହାନ୍ତି ଯେ, ସେ ହେଉଛି ରୋଗଣା ବ୍ୟକ୍ତି ଓ ସେ କିଛି ଜାଣିପାରୁନାହାନ୍ତି ଯେ କ’ଣ ଚାଲିଛି ତାଙ୍କ ନିଜର ସରକାର ଆମେରିକା ଦ୍ୱାରା ପରିଚାଳିତ ହେଉଅଛି ଓ ଦେଶର ଲଗାମ୍ ଇସ୍ରାଇଲ୍ ହାତରେ ରହିଛି । ଏବେ ଇସ୍ରାଇଲ୍ ସାଉଦୀ ଆରବକୁ କହୁଛି ସାବାସ୍ ! ଇରାନ୍ ଉପରେ ଆକ୍ରମଣ କର ଓ ସିହା ମୁସଲମାନମାନଙ୍କୁ ମାର ଏହି ଭଳି ବହୁତ କିଛି ଅତ୍ୟାଚାର କରାଯାଉଅଛି ।

ମୁସଲମାନ ରାଷ୍ଟ୍ରଗୁଡ଼ିକ ମଧ୍ୟ ସେହି ବଡ଼ ବଡ଼ ଶକ୍ତିଶାଳୀ ରାଷ୍ଟ୍ରଙ୍କ ହାତରେ କଣ୍ଢେଇଙ୍କ ପରି ନାଚୁଛନ୍ତି ଓ ସେହି ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ଏହା ଚାହୁଁନାହାନ୍ତି ଯେ, କୌଣସି ଦେଶ ଉନ୍ନତି କରୁ । ମତେ ଜଣେ ମୋର ଆତ୍ମୀୟ ଆସି ବତାଇଲେ ଯେ, କତାର୍ ଦେଶରେ ବହୁତ ଉନ୍ନତୀମୂଳକ କାର୍ଯ୍ୟ ହେଉଅଛି, ମୁଁ ତାଙ୍କୁ କହିଲି କୌଣସି ଚିନ୍ତା କରନାହିଁ ଏପରି ଗୋଟିଏ ସମୟ ଥିଲା ବେରୁତ୍ ମଧ୍ୟ ପ୍ୟାରିସ୍ ବୋଲାଉଥିଲା । ସେହିପରି ବାଗ୍‌ଦାଦ୍ ମଧ୍ୟ ଗୋଟିଏ ସମୟରେ ୟୁରୋପ ବୋଲାଉ ଥିଲା ଏବଂ ଲୋକମାନେ ଏକଥା କହୁଥିଲେ ଯେ, ବାଃ ବାଃ ଏମାନଙ୍କୁ ତ କେହି ଶେଷ କରିପାରିବେ ନାହିଁ । ଏମାନେ ବହୁତ ଉନ୍ନତି କରିସାରିଛନ୍ତି କିନ୍ତୁ ଏବେ ଦେଖ ଏହି ଦୁଇଟି ଦେଶର ପରିଣାମ କ’ଣ ହେଲା । ମୁଁ ତାଙ୍କୁ କହିଲି ଯେତେବେଳେ ସେମାନେ ଏକଥା ଜାଣିବେ ଯେ, କତାର୍ ଏବଂ ଲେବ୍‌ନାନ୍ ର ଉନ୍ନତି ବାଗ୍‌ଦାଦ୍ ଭଳି ହୋଇଗଲାଣି ବୋଲି ସେତେବେଳେ ସେମାନେ ଏମିତି ମାରିବେ ଯେ, କିଛି ଜଣାପଡ଼ିବ ନାହିଁ । ତେଣୁ ଆପଣ ମନେ ମନେ ଖୁସି ହୁଅନ୍ତୁ ନାହିଁ ।

ଜର୍ନାଲିଷ୍ଟ ଜଣକ ପଚାରିଲେ କିଛି ବର୍ଷ ହେବ ଏ ପୃଥିବୀ ବୋକହରାମ୍ ଏବଂ ISIS ର ଖିଲାଫତ୍ ସମ୍ବନ୍ଧରେ ଶୁଣୁଅଛି କିନ୍ତୁ ଖିଲାଫତ୍ ଅହେମଦୀୟା ଓ ଅନ୍ୟ ମାନଙ୍କ ଖିଲାଫତ୍ ସମ୍ବନ୍ଧରେ କ’ଣ ଫରଗ ଅଛି ?

ହଜୁର ଅନଓ୍ୱର ଅ:ବ:ଅ କହିଲେ: ଯେଉଁଠି ଖିଲାଫତ୍‌ର ସମ୍ବନ୍ଧ ରହିଛି ଏହା କୌଣସି ନୂଆ ଖିଲାଫତ୍ ନୁହେଁ ବୋକହରାମ୍ ଏ ଦାବି କରୁଛି ଯେ, ଆମେ ହେଉଛୁ ଖଲିଫା ସେହିଭଳି ISIS ଏ ଦାବି କରୁଛନ୍ତି ଯେ, ଆମେ ଇସ୍‌ଲାମ୍‌ର ଖଲିଫା ଅଟୁ । ସାଉଦୀର ରାଜା କୁହନ୍ତୁ ବା ନ କୁହନ୍ତୁ ତାଙ୍କ ମନ ଭିତରେ ଏକଥା ରହିଛି ଯେ, ମୁଁ ହେଉଛି ଖଲିଫା । ମରାକିଶ୍ ଦେଶରେ ଯେଉଁ ସମ୍ରାଟ ଅଛନ୍ତି ସେ ନିଜକୁ ଖଲିଫା ବୋଲାଉଛି ଓ ଲୋକମାନେ ତାକୁ ମଧ୍ୟ ଖଲିଫା ବୋଲି ଭାବୁଛନ୍ତି । ପୁଣି ଯେ ପର୍ଯ୍ୟନ୍ତ ଇସ୍‌ଲାମ୍‌ର ଅବନତୀ ହୋଇନଥିଲା ସେ ପର୍ଯ୍ୟନ୍ତ ଉସ୍‌ମାନୀୟା ରାଜତ୍ୱରେ ମଧ୍ୟ ଗୋଟିଏ ଖିଲାଫତ୍ ଜାରି ରହିଥିଲା ସେତେବେଳେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଥିଲେ ଯେ, ଏବେ ଆଉ କିଛି ଖିଲାଫତ୍ ନାହିଁ ବତର୍ମାନ ମୁଁ ଆସିଯାଇଛି ତେଣୁ କିଛି ବର୍ଷ ପରେ ହିଁ ସେମାନଙ୍କର ଏହି ଖିଲାଫତ୍ ଶେଷ ହୋଇଗଲା ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହଜ୍‌ରତ୍ ମୁହମ୍ମଦ ସ:ଆ:ସ ପୁଣି ସେହି ପଥର ଉପରେ କୋଦାଳ ଦ୍ୱାରା ଏକ ପ୍ରହାର କଲେ, ସେଥିରୁ ନିଆଁ ବାହାରିଲା । ତାହା ଦେଖି ମହାଭାଗ ସ:ଆ:ସ ଅଲ୍ଲାହୁ ଅକ୍‌ବର୍ ଉଚ୍ଚାରଣ କଲେ । ପୁଣି କହିଲେ ଏଥରକ ମତେ ଫାରସ୍ (ଅର୍ଥାତ ଇରାନ୍)ର ଚାବିଗୁଚ୍ଛ ପ୍ରଦାନ କରାଗଲା ଏବଂ ମଦାଏନ୍‌ର ଶୁଭ୍ର ରାଜ ଉଆସର ଅଟ୍ଟାଳିକା ଗୁଡ଼ିକୁ ମୁଁ ଦେଖୁଅଛି ।**

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ମହାନ ଖଲିଫା ରାଶିଦ୍ ଫାରୁକ୍ ଆଜମ୍ ହଜ୍‌ରତ୍ ଉମର୍ ର:ଅଙ୍କ ଗୁଣଗାରିମାର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା**

**'ଅଲ୍ଲାଃଙ୍କ ରାଣ ! ଅଲ୍ଲାଃ ଯେଉଁ ସମ୍ପ୍ରଦାୟକୁ ଏହି (ଧନ ଦଉଲତ) ପ୍ରଦାନ କରିଥାଏ, ତା' ମଧ୍ୟରେ ଅର୍ଥାତ ସେହି ସମ୍ପ୍ରଦାୟ ମଧ୍ୟରେ ଆପୋଷ ଈର୍ଷାଭାବ ଓ ଘୃଣାଭାବ ବଢ଼ିଯାଏ ଏବଂ ଯେଉଁ ସମ୍ପ୍ରଦାୟରେ ଏପରି ଆପୋଷ ମଧ୍ୟରେ ଈର୍ଷା ବଢ଼ିଯାଏ, ସେମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହୋଇଥାଏ'' । (ହଜ୍‌ରତ୍ ଉମର୍ ର:ଅ)**

---

**ମଦାଏନ୍, ମାସବଜାନ୍ ଏବଂ ଖୁଜ୍‌ସ୍ତାନ ଉପରେ ବିଜୟ । ପୁଣି ଜଲୁଲା ଯୁଦ୍ଧ, ମହରମଜ୍ ଏବଂ ତୁସ୍‌ତମର୍‌ଠାରେ ଘଟିଥିବା ଘଟଣାବଳୀର ବିଶ୍ୱାସବର୍ଦ୍ଧକ ବର୍ଣ୍ଣନା**

---

**ପାଂଚଜଣ ମର୍‌ହୁମୀନ୍: ମୋକରମା ପ୍ରଫେସର ସୟଦ ହନ୍‌ସିମ୍ ସଇଦ୍ ସାହିବା ପତ୍ନୀ ମୁହମ୍ମଦ ସଇଦ ସାହେବ (ଲାହୋର), ମୋକରମ୍ ଦାଉଦ୍ ସୁଲେମାନ୍ ବଟ୍ଟ ସାହେବ (ଜର୍ମାନୀ), ମୋକରମା ଜାହିଦାଃ ପରୱିନ୍ ସାହିବା ପତ୍ନୀ ଗୁଲାମ ମୁସ୍ତଫା ଏୱାନ୍ ସାହବ (ଢ଼ପର ଜିଲ୍ଲା ସିଆଲ୍‌କୋଟ୍), ମୋକରମ୍ ରାଣା ଅବ୍‌ଦୁଲ୍ ୱହିଦ୍ ସାହେବ (ଲଣ୍ଡନ) ଏବଂ ମୋକରମ୍ ଅଲ୍‌ହାଜ୍ ମୀର୍ ମୁହମ୍ମଦ ଅଲୀ ସାହେବ (ବଙ୍ଗଳାଦେଶ)ଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୩୦ ଜୁଲାଇ ୨୦୨୧ ଅନୁଯାୟୀ ୩୦ ୱଫା ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - اَلرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ବିଗତ ଖୁତ୍‌ବାରୁ ହଜ୍‌ରତ୍ ଉମର୍ ର:ଅଙ୍କ ଜୀବନୀ ଚର୍ଚ୍ଚା ଅଭ୍ୟାହତ ରହିଛି ଏବଂ ସେହି କ୍ରମରେ ହଜ୍‌ରତ୍ ଉମର୍ ର:ଅଙ୍କ କାଳରେ ହୋଇଥିବା ଯୁଦ୍ଧ ସମ୍ପର୍କରେ ଆଜି ଚର୍ଚ୍ଚା କରିବି । ମଦାଏନ୍‌ର ବିଜୟ ସଂପର୍କରେ ହଜ୍‌ରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଭବିଷ୍ୟବାଣୀର ଚର୍ଚ୍ଚା କରି ହଜ୍‌ରତ୍ ମିର୍ଜା ବଶୀର୍ ଅହେମଦ୍ ସାହେବ ସିରତ୍ ଖାତ୍‌ମୁନ୍ ନବିୟୀନ୍‌ରେ ଉଲ୍ଲେଖ କରିଛନ୍ତି ଯେ,

ଖନ୍ଦକ୍ (ସୁଡ଼ଙ୍ଗ) ଖୋଳିବା ସମୟରେ ଗୋଟିଏ ସ୍ଥାନରେ ଏଭଳି ଏକ ପଥର ବାହାରିଲା ଯାହାକି କୌଣସି ମତେ ଭାଙ୍ଗୁ ନଥିଲା । ସାହାବାମାନେ ତିନି ଦିନ ପର୍ଯ୍ୟନ୍ତ ଭୋକ ଉପାସରେ ରହି ଅନବରତ ପରିଶ୍ରମ କରିବା ଯୋଗୁଁ ହାଲିଆ ଓ ଅତ୍ୟନ୍ତ କ୍ଳାନ୍ତ ହୋଇପଡ଼ିଥିଲେ । ପରିଶେଷରେ ସେମାନେ ବାଧ୍ୟ ହୋଇ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ । ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମଧ୍ୟ ଭୋକ ଉପାସେ ନିଜେ ନିଜ ପେଟରେ ପଥର ବାନ୍ଧିଥିଲେ । ତଥାପି ହଜୁର ସ:ଆ:ସ ସଙ୍ଗେ ସଙ୍ଗେ ସେଠାରେ ଆସି ପହଂଚିଲେ ଏବଂ ଏକ କୋଦାଳ ଧରି ଅଲ୍ଲାଃ ତାଲାଙ୍କ ନାମ ନେଇ ପଥର ଉପରେ ପ୍ରହାର କଲେ । ଲୌହ ପ୍ରହାର ବାଜିବା ଦ୍ୱାରା ପଥରଟି ଚୂର୍ଣ୍ଣ ହେଲା ଏବଂ ସେଥିରୁ କିଛି ନିଆଁ ବାହାରିଲା । ଫଳତଃ ଆଁ ହଜ୍‌ରତ୍ ସ:ଆ:ସ ସଙ୍ଗେ ସଙ୍ଗେ ଉଚ୍ଚ ସ୍ୱରରେ **ଅଲ୍ଲାଃହୁ ଅକ୍‌ବର୍** ଶ୍ଳୋଗାନ ଦେଲେ ! ଏବଂ କହିଲେ ମୋତେ ସିରୀୟା ଦେଶର ଚାବି ପ୍ରଦନା କରାଯାଇଛି ଏବଂ ସିରୀୟାର ନାଲି ରଙ୍ଗର ଦୁର୍ଗଗୁଡ଼ିକ ମୋ ଆଖି ଆଗରେ ଛଳ ଛଳ ହୋଇ ଦୃଶ୍ୟମାନ ହେଉଅଛି । ପୁନଶ୍ଚ ଆପଣ ସ:ଆ:ସ ଦ୍ୱିତୀୟ ଥର ସେହି ପଥର ଉପରେ ପ୍ରହାର କଲେ ଏବଂ ଏଥର ମଧ୍ୟ ସେହି ସମାନ ଘଟଣା ଘଟିଲା । ଅର୍ଥାତ ପଥରଟି ଲୌହ ପ୍ରହାର ଦ୍ୱାରା କିଛି ମାତ୍ରାରେ ଅଧିକ ଭଙ୍ଗ ହୋଇ ସେଥିରୁ ନିଆଁ ବାହରିଲା ଏବଂ ହଜୁର ସ:ଆ:ସ ଏଥର କହିଲେ ମୋତେ ଫାରସୀ ଦେଶର ଚାବି ପ୍ରଦାନ କରାଯାଇଛି ଏବଂ ମଦାଏନ୍‌ର ଧବଳ ବର୍ଣ୍ଣର ଦୁର୍ଗଗୁଡ଼ିକ ମତେ ଦୃଶ୍ୟମାନ ହେଉଛି । ଏହାପରେ ହଜୁର ସ:ଆ:ସ ତୃତୀୟ ଥର ପଥର ଉପରେ ପ୍ରହାର କଲେ ସେତେବେଳେ ପୁନଶ୍ଚ କହିଲେ ବର୍ତମାନ ମୋତେ ୟମନ୍‌ର ଚାବି ପ୍ରଦାନ କରାଯାଇଛି ଅଲ୍ଲାଃଙ୍କ ରାଣ ! ମତେ ଏହି କ୍ଷଣି ସନ୍‌ଆର ଦ୍ୱାର ଦର୍ଶନ କରାଯାଉଛି । ଅଥିଅନ୍ତେ ପଥରଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯାଇଥିଲା ଅର୍ଥାତ ଖଣ୍ଡ ଖଣ୍ଡ ହୋଇଯାଇଥିଲା । ଆଉ ଏକ ବର୍ଣ୍ଣନାରେ ଏପରି ଦରଜ ରହିଛି ଯେ ହଜୁର ସ:ଆ:ସ ପ୍ରତ୍ୟେକ ଥର ପ୍ରହାରରେ ଉଚ୍ଚ ସ୍ୱରରେ ତକ୍‌ବିର୍ କହୁଥିଲେ ଏବଂ ପରେ ସାହାବାଙ୍କ ପଚାରିବାରେ ଆପଣ ସ:ଆ:ସ ଦେଖିଥିବା ଏହି କଶ୍‌ଫ୍ (vision) ବତାଇଥିଲେ ଅର୍ଥାତ ଯାହାକି ବର୍ଣ୍ଣନା କରାଗଲା ଯେ ତିନିଥର ପ୍ରହାରରେ ପ୍ରଭୁଙ୍କ ତରଫରୁ ଆପଣଙ୍କୁ ଯେଉଁ ସମସ୍ତ ପୁରସ୍କାରଗୁଡ଼ିକ ପ୍ରଦାନ କରାଯିବାର ଦର୍ଶନ କରାଦିଆଗଲା । ମୁସଲମାନମାନଙ୍କୁ ସେଥିସକ୍ରାନ୍ତରେ ଆପଣ ଭବିଷ୍ୟବାଣୀ କରିଥିଲେ । ସେଥିଅନ୍ତେ ମୁସଲମାନମାନେ ଏହି ଅସ୍ଥାୟୀ ପ୍ରତିବନ୍ଧକକୁ ଦୂର କରି ନିଜ ନିଜ କାର୍ଯ୍ୟରେ ମାତିଗଲେ । ଅର୍ଥାତ ସୁଡ଼ଙ୍ଗ ଖୋଳିବାରେ ଲାଗିଗଲେ ।

ହଜୁର ସ:ଆ:ସ ଏହି ଦୃଶ୍ୟଗୁଡ଼ିକ ତନ୍ଦ୍ରାବସ୍ଥାରେ ଦେଖିଥିଲେ ଅର୍ଥାତ ଅଲ୍ଲାଃ ତାଲା ସେହି ଅଭାବ ଅନଟନରେ ମୁସଲମାନମାନଙ୍କୁ ଆଗାମୀ ବିଜୟ ଓ ପ୍ରାଚୁର୍ଯ୍ୟର ଦୃଶ୍ୟ ଅବଲୋକନ କରାଇ ସାହାବାମାନଙ୍କ ମଧ୍ୟରେ ଆଶା ଓ ଉଦ୍ଦୀପନାର ଏକ ପ୍ରାଣ ସଂଚାର କରିଦେଇଥିଲେ । ଯଦିଚ ପ୍ରତ୍ୟକ୍ଷରେ ଦେଖିଲେ ସେହି ସମୟ ଅତ୍ୟନ୍ତ ସଙ୍କଟାପନ୍ନ ଓ କଷ୍ଟ ଦାୟକ ଥିଲା । କପଟବିଶ୍ୱାସୀମାନେ ମୁସଲମାନମାନଙ୍କ ଉପରେ ଉକ୍ତ ପୁରସ୍କାରଗୁଡ଼ିକର ପ୍ରତିଶୃତି ମିଳିବା ଦେଖି ପରିହାସ କରୁଥିଲେ ଯେ, ଦେଖ ଘରୁ ପାଦ କାଢ଼ିବାର ସାମର୍ଥ୍ୟ ନାହିଁ ଏମାନଙ୍କର ଏପରି ଅବସ୍ଥାରେ ଏମାନେ କୈସର୍ ଓ କିସ୍‌ରା ପରି ଶକ୍ତିଶାଳୀ ସାମ୍ରାଜ୍ୟଗୁଡ଼ିକୁ ଜୟ କରିବାର ସ୍ୱପ୍ନ ଦେଖୁଛନ୍ତି କିନ୍ତୁ ସେମାନଙ୍କୁ କ'ଣ ବା ଜଣା ଥିଲା ଯେ ପ୍ରଭୁଙ୍କ ବିଧାନରେ ଏହି ପୁରସ୍କାର ମୁସଲମାନମାନଙ୍କ ଭାଗ୍ୟରେ ଲିପିବଦ୍ଧ କରିଦିଆଯାଇଥିଲା, ଯାହାକି ତାହା ନିଜ ସମୟରେ ପୂରଣ ହେଲା ଅର୍ଥାତ କିଛି ହଜ୍‌ରତ୍ ସାଆଦ୍ ର:ଅଙ୍କ ସମୟ କାଳରେ ଏବଂ ଆଉ କିଛି ଆପଣ ସ:ଆ:ସଙ୍କ ଖଲିଫାଙ୍କ ସମୟକାଳରେ ପୁରଣ ହେଲା । ଏପରି ପ୍ରଭୁ ମୁସଲମାନମାନଙ୍କ ବିଶ୍ୱାସକୁ ଅଭିବୃଦ୍ଧି ଘଟାଇଥିଲେ ଅର୍ଥାତ ଏହି ଭବିଷ୍ୟବାଣୀକୁ ପୂରଣ କରି ତାଙ୍କ ବିଶ୍ୱାସକୁ ଅଭିବୃଦ୍ଧି କରିଥିଲେ । ***(ସିରତ୍ ଖାତ୍‌ମୁନ୍ ନବିୟିନ୍........ ପୃ-୫୭୭-୫୭୮)***

ମଦାଏନ୍ ବିଜୟର ପ୍ରତିଶୃତି ହଜ୍‌ରତ୍ ଉମର୍ ର:ଅଙ୍କ ଖିଲାଫତ୍ କାଳରେ ହଜ୍‌ରତ୍ ସାଆଦ୍ ର:ଅଙ୍କ ହସ୍ତରେ ପୂର୍ଣ୍ଣ ହୋଇଥିଲା । ଯେପରି ଆଁ ହଜ୍‌ରତ୍ ସ:ଆ:ସଙ୍କୁ କଶଫ୍ (Vision) ଦ୍ୱାରା ଏହି ଦୃଶ୍ୟ ଦେଖାଇ ଦିଆଯାଇଥିଲା ଯେ ମଦାଏନ୍ ବିଜୟ ହେବ । ଏହି ବିଜୟ ହଜ୍‌ରତ୍ ଉମର୍ ର:ଅଙ୍କ ସମୟରେ ପ୍ରାପ୍ତ ହେଲା । କାଦ୍‌ସିୟାର ବିଜୟ ପରେ ସାଂପ୍ରତିକ ଇରାକ୍‌ର ପ୍ରାଚୀନ ସହର ବାବୁଲ୍ ବିଜୟ ହୋଇଥିଲା । ବାବୁଲ୍ ବିଜୟ କରିବା ପରେ କୁସା ନାମକ ଏକ ଐତିହାସିକ ସହରରେ ମୁସଲମାନ ସେନା ପହଂଚିଥିଲା । ଏହି କୁସା ସହରଟି ବାବୁଲ୍ ସହରର ନିକଟବର୍ତୀ ସହର ଅଟେ । କୁସା ହେଉଛି ସେହି ସହର ଯେଉଁଠି ହଜ୍‌ରତ୍ ଇବ୍ରାହିମ୍ ଆ:ସଙ୍କୁ ନମ୍ରୁଦ୍ କୈଦ୍ କରିଥିଲା ଏବଂ କାରାଗାରର ସ୍ଥାନଟି ମଧ୍ୟ ସେତେବେଳ ପର୍ଯ୍ୟନ୍ତ ସୁରକ୍ଷିତ ଅବସ୍ଥାରେ ଥିଲା । (ଅର୍ଥାତ ଯେତେବେଳେ ହଜ୍‌ରତ୍ ସାଆଦ୍ ର:ଅ ସେଠାରେ ପହଂଚିଲେ ସେତେବେଳେ ସେହି କାରାଗାର ଭଗ୍ନ ଅବସ୍ଥାରେ ଥିଲା । କିନ୍ତୁ ସମ୍ପୂର୍ଣ୍ଣ ରୂପେ

ଧୂଳିସାତ ହୋଇନଥିଲା) । ହଜ୍‌ରତ୍ ସାଆଦ୍ ର:ଅ ଯେତେବେଳେ ଉକ୍ତ କାରାଗାରରେ ପ୍ରବେଶ କରି ତାହାକୁ ଦେଖିଲେ ସେତେବେଳେ ସେ ପବିତ୍ର କୁର୍‌ଆନ୍ କରୀମ୍‌ର ଏହି ଆୟତ ପାଠ କରିବା ଆରମ୍ଭ କଲେ ଯେ, **ତିଲ୍‌କିଲ୍ ଅୟ୍ୟାମୁ ନୁଦାୱିଲୁହା ବୈନନ୍ ନାସି (ଆଲେ ଇମ୍‌ରାନ୍:୧୪୧)** ଅର୍ଥାତ ଏ ବିଜୟ ଦିବସଗୁଡ଼ିକ ଏପରି ଅଟେ ଯେ, ଆମ୍ଭେ ସେଗୁଡ଼ିକୁ ଲୋକମାନଙ୍କ ମଧ୍ୟରେ ବାରମ୍ବାର ଅଦଳ ବଦଳ କରୁଥାଉ, ଯଦ୍ୱାରା ସେମାନେ ଶିକ୍ଷା ଲାଭ କରିବେ । ଏହାପରେ ଇସ୍‌ଲାମୀୟ ସୈନ୍ୟବାହିନୀ କୁସା ଦେଇ ବହ୍‌ରେ ସେର୍ ଠାରେ ପହଂଚିଲା । ଏଠାରେ ଇରାନୀୟ ସେନା କିସ୍ରାର ଶିକାରୀ ସିଂହକୁ ମୁସଲମାନ ସେନା ଆଗରେ ଛାଡ଼ିଦେଲେ । ସେହି ସିଂହ ଗର୍ଜନ କରି ଇସ୍‌ଲାମୀୟ ସୈନ୍ୟବାହିନୀ ଉପରେ ଆକ୍ରମଣ କରିଦେଲା । ହଜ୍‌ରତ୍ ସାଆଦ୍ ର:ଅଙ୍କ ଭାଇ ହାଶିମ୍ ବିନ୍ ଅବି ୱକାସ୍ ସିଂହ ଉପରେ ଖଡ୍ଗ ସାହାଯ୍ୟରେ ଆକ୍ରମଣ କଲେ ଫଳତଃ ସିଂହଟି ସେଇଠି ହିଁ ନିପାତ ହୋଇଯାଇଥିଲା । ସେଥିଅନ୍ତେ ମଦାଏନ୍‌ର ଯୁଦ୍ଧ ହେଲା । ମଦାଏନ୍ ବାଗ୍‌ଦାଦ୍‌ର ଦକ୍ଷିଣ ଦିଗରେ ଥିବା ଦଜ୍‌ଲା ନଦୀତଟରେ ଅବସ୍ଥିତ ଅଂଚଳ ଏହାର ନାମକରଣ ମଦାଏନ୍ ଏଥିପାଇଁ ହୋଇଥିଲା ଯେ ଏଠାରେ ଗୋଟିକ ପରେ ଗୋଟିଏ ଅନେକ ସହର ରହିଥିଲା । ସେଥିଯୋଗୁଁ ଆରବ ବାସୀ ତାହାକୁ ଅନେକ ସହରର ସମୂହ ବୋଲି କହିବା ଆରମ୍ଭ କରିଦେଇଥିଲେ । ଅର୍ଥାତ ମଦାଏନ୍‌ର ଅର୍ଥ ହେଉଛି ଅନେକ ସହରର ସମଷ୍ଟି ବା ସମାହାର । କିସ୍ରା ରାଜ ସିଂହାସନର ପାଦପୀଠ ମାଦଏନ୍ ଥିଲା ଯାହାକି ବାଗ୍‌ଦାଦ୍‌ର ଦକ୍ଷିଣ ଦିଗ ଆଡ଼କୁ କିଛି ବ୍ୟବଧାନରେ ଦଜ୍‌ଲା ନଦୀ ତୀରରେ ଅବସ୍ଥିତ ଥିଲା । ଏଠାରେ ରାଜାଙ୍କ ଧଳା ଉଆସ ଥିଲା । ମୁସଲମାନ ଏବଂ ମଦାଏନ୍‌ର ମଧ୍ୟ ଭାଗରେ ଦଜ୍‌ଲା ନଦୀ ପ୍ରତିବନ୍ଧକ ଥିଲା । ମୁସଲମାନ ସେନା ବାହିନୀ ନଦୀ ଅତିକ୍ରମ କରିବାର କୌଣସି ବାଟ ପାଉନଥିଲା । ଅର୍ଥାତ ନଦୀର ସ୍ରୋତ ଏତେ ପ୍ରଖର ଥିଲା ଯେ ତାଙ୍କୁ ନଦୀ ଅତିକ୍ରମ କରିବାର କୌଣସି ବାଟ ଦିଶୁନଥିଲା ଇରାନୀ ସେନା ନଦୀର ସବୁ ପୋଲଗୁଡ଼ିକୁ ଭାଙ୍ଗି ଦେଇଥିଲେ । ତିବ୍‌ରୀରେ ଉଲ୍ଲେଖ ଅଛି ଯେ ହଜ୍‌ରତ୍ ସାଆଦ୍ ନଦୀ ପାର କରିବା ପାଇଁ ଡ଼ଙ୍ଗା ଖୋଜିଲେ କିନ୍ତୁ ସେମାନେ ଡ଼ଙ୍ଗାଗୁଡ଼ିକୁ ମଧ୍ୟ ନିଜ କବ୍ଜାରେ ନେଇଯାଇଥିଲେ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ଜଣେ ସ୍ଥାନୀୟ ଗାଉଁଲି ଲୋକ ନଦୀ ପାର ହେବାର ରାସ୍ତା ବତାଇଲେ ଯେ ଏହି ରାସ୍ତା ଦେଇ ଗଲେ ସହଜରେ ନଦୀ ପାର ହୋଇଯିବ କିନ୍ତୁ ହଜ୍‌ରତ୍ ସାଆଦ୍ ଏପରି କଲେନାହିଁ ଗୋଟିଏ ରାତ୍ରରେ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ଏହି ସ୍ୱପ୍ନାଦେଶ ହେଲା ଯେ ମୁସଲମାନମାନଙ୍କର ଅଶ୍ୱ ନଦୀ ଜଳରେ ପ୍ରବେଶ କରୁଛନ୍ତି । ବସ୍ତୁତଃ ଆପଣ ର:ଅ ନିଜ ସେନାକୁ ଆହ୍ୱାନ ଦେଲେ ଯେ, ଆସ ! ଉକ୍ତ ନଦୀକୁ ପହଁରିକି ପାର ହେବା ଏବଂ ସେ ନିଜର ଅଶ୍ୱକୁ ନଦୀ ଜଳରେ ଅବତରଣ କରାଇଦେଲେ ଫଳତଃ ହଜ୍‌ରତ୍ ସାଆଦ୍ ର:ଅଙ୍କୁ ଅନୁସରଣ କରି ସମସ୍ତ ସିପାହୀମାନେ ନିଜର ଅଶ୍ୱ ନଦୀ ଜଳରେ ଓହ୍ଲାଇ ଦେଲେ । ଶତ୍ରୁ ପଟର ସୈନ୍ୟବାହିନୀ ଏହି ଦୃଶ୍ୟକୁ ଦେଖି ଭୟଭୀତ ହୋଇପଡ଼ିଲେ ଏବଂ ଚିତ୍କାର କରି ପଳାୟନ କଲେ ଯେ, ଦେଖ ! ଦେବ ଆସିଗଲେ ଦେବ ଆସିଗଲେ । ମୁସଲମାନମାନେ ଆଗକୁ ବଢ଼ି କିସ୍‌ରା ସହରର ଦୁର୍ଗଗୁଡ଼ିକୁ ଅଧିକାର କରିନେଲେ । ମୁସଲମାନମାନଙ୍କ ଆଗମନ ପୂର୍ବରୁ କିସ୍‌ରା ନିଜ ବଂଶଧରଙ୍କୁ ସେଠାରୁ ସ୍ଥାନାନ୍ତରିତ କରିଦେଇଥିଲା ସୁତରାଂ ମୁସଲମାନମାନେ ଅତି ସହଜରେ ସହରକୁ ନିଜ ଅଧିନ କରିନେଲେ ଏପରି ଆଁ ହଜ୍‌ରତ୍ ସ:ଆ:ସଙ୍କ ସେହି ଭବିଷ୍ୟବାଣୀ ଯାହାକି ଆପଣ ଏହ୍‌ଜାବ୍ ଯୁଦ୍ଧ ସମୟରେ ଖନ୍ଦକ (ଗଡ଼ଖାଇ) ଖନନ ସମୟରେ କରିଥିଲେ କି ମତେ ମଦାଏନ୍‌ର ଧବଳ ଅଟ୍ଟାଳିକା ମାନ ଭୁଷୁଡ଼ି ପଡ଼ିବାର ଦୃଶ୍ୟମାନ ହେଉଛି ତାତ୍ପର୍ଯ୍ୟ ଏହି କି ଯେ, ମଦାଏନ୍‌ର ଧବଳ ଅଟ୍ଟାଳିକାମାନ ମୁସଲମାନମାନଙ୍କ ହତାମୁଠାକୁ ଚାଲିଆସିବ । ସେହି ଅଟ୍ଟାଳିକାମାନ ଜନଶୂନ୍ୟ ଦେଖି ହଜ୍‌ରତ୍ ସାଆଦ୍ ସୁରଃ ଦୁଖାନ୍‌ର ଏହି ପଂକ୍ତି **କମ୍ ତରକୁ ମିନ୍ ଜନ୍ନାତିନ୍ ...... କୌମନ୍ ଆଖରିନ୍ (ଦୁଖାନ୍: ୨୬-୨୯)**ଆବୃତି କରିଥିଲେ ସେମାନେ (ଅର୍ଥାତ ଫିର୍‌ଓନର ଲେକାମାନେ) ନିଜ ପଛରେ ଅନେକ ଉଦ୍ୟାନ, ଝରଣା, ଶସ୍ୟକ୍ଷେତ୍ର ଓ ଅତ୍ୟନ୍ତ ଆରାମଦାୟକ ସ୍ଥାନ ଓ ଏପରି ବାସସ୍ଥାନ ଯେଉଁଥିରେ (ସେମାନେ) ଅତ୍ୟନ୍ତ ସୁଖରେ ରହୁଥିଲେ । ସେ ସବୁର ଉତରାଧିକାରୀ ଆମେ ଅନ୍ୟ ଏକ ସମ୍ପ୍ରଦାକୁ କରିଦେଲୁ । ଏହିପରି ଭାବରେ ହଜୁର ସ:ଆ:ସଙ୍କ ଭବିଷ୍ୟବାଣୀ  ମଧ୍ୟ ପୂରଣ ହୋଇଗଲା ଯେଉଁ ଭବିଷ୍ୟବାଣୀଟି ଆଁ ହଜ୍‌ରତ୍ ସ:ଆ:ସ ଅହ୍‌ଜାବ୍ ଯୁଦ୍ଧ ଅବସରରେ କରିଥିଲେ । ହଜ୍‌ରତ୍ ସାଆଦ୍ ର:ଅ ହୁକୁମ୍ ଦେଲେ ଯେ ରାଜକୋଷ ଅର୍ଥାତର ରାଜକୀୟ ଭଣ୍ଡାର ଏବଂ ପ୍ରାଚିନ ବସ୍ତୁଗୁଡ଼ିକୁ ଗୋଟିଏ ସ୍ଥାନରେ ଏକାଠି କରାଯାଉ । ଏହି ରାଜକୀୟ ଭଣ୍ଡାରରେ ସମ୍ରାଟମାନଙ୍କର ହଜାର ହଜାର ସ୍ମାରକୀ ମହ୍‌ଜୁଦ୍ ଥିଲା, ସେଥିରେ ଯୁଦ୍ଧ କବଚ, ତରବାରୀ, ଖଞ୍ଜର, ମୁକୁଟ, ରାଜକୀୟ ପୋଷାକ ଏବଂ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରର ସାରଞ୍ଜାମ, ରାଜକୋଷର ଅର୍ଥ ଆଦି ଅନ୍ତର୍ଭୁକ୍ତ ରହିଥିଲା । ସ୍ୱର୍ଣ୍ଣର ଏକ ଅଶ୍ୱ ମଧ୍ୟ ରହିଥିଲା ଯାହା ଉପରେ ରୋପ୍ୟ ଆସନ ପଡ଼ିଥିଲା ଓ ତାହା ଛାତିରେ ବହୁମୂଲ୍ୟ ମୋତି ମାଣିକ୍ୟର ସୁନ୍ଦର କାରୁକାର୍ଯ୍ୟ ହୋଇଥିଲା ସେଥି ମଧ୍ୟରେ ରୂପାର ଏକ ଓଟ ମଧ୍ୟ ରହିଥିଲା ଯାହା ଉପରେ ସୁନାର ପାଲିଙ୍କି ରହିଥିଲା ଏବଂ ତାହାର ବେକରେ ମୂଲ୍ୟବାନ ୟାକୁତ୍‌ର ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଥିଲା ପୁନଶ୍ଚ ଗୋଟିଏ ସୁନ୍ଦର ଓ ମନୋହର ଚଟେଇ ଥିଲା ଯାହାକୁ ଇରାନୀମାନେ ବହାର୍ କହୁଥିଲେ । ତାହାର ପୃଷ୍ଠଭୂମୀ ସୁନାରେ ନିର୍ମାଣ କରାଯାଇଥିଲା, ସେଥିରେ ଯେଉଁ ବୃକ୍ଷ ଅଙ୍କନ ଥିଲା, ତାହା ରୂପା ଦ୍ୱାରା ତିଆରି ହୋଇଥିଲା ଏବଂ ତାହାର ଫଳ ଅମୂଲ୍ୟ ଅଳଙ୍କାରରେ ପରିପୂର୍ଣ୍ଣ ଥିଲା ଏ ସମସ୍ତ ସାମଗ୍ରୀ ମୁସଲମାନମାନେ ସିପାହୀମାନେ ଏକତ୍ରିତ କଲେ ଏବଂ ଯାହାକୁ ଯେଉଁ ଜିନିଷ ମିଳିଲା ସେ ତାହାକୁ ସେହିପରି ଆଣି ନିଜ ଅଫିସର ଅର୍ଥାତ ସେନାପତି ନିକଟରେ ରଖିଦେଲା । ଏଥିରୁ ମୁସଲମାନ ସିପାହୀମାନେ ଅତ୍ୟନ୍ତ ବିଶ୍ୱସ୍ତତାର ସ୍ତର ଉନ୍ମୁକ୍ତ ହୋଇଥିଲା ଅତଏବ ଯେତେବେଳେ ସମସ୍ତ ସାମଗ୍ରୀକୁ ସଜାଇ ଦିଆଗଲା ସେତେବେଳେ ଦୁରଦୁରାନ୍ତ ପର୍ଯ୍ୟନ୍ତ ତାହା ଝଟକୁ ଥିଲା ଏହା ଦେଖି ହଜ୍‌ରତ୍ ସାଆଦ୍ ଆଚମ୍ବିତ ହେଲେ ଶେଷରେ ସମସ୍ତ ସାମଗ୍ରୀ ଭାଗ କରି ତାହାର ଏକ ପଂଚମାଂଶ ଖିଲାଫତ୍ ଦରବାରକୁ ପ୍ରେରଣ କରିଦିଆଯାଇଥିଲା । ଅତି ମନୋରମ ଚଟେଇ ଓ ପୁରାତନ ସ୍ମାରକମାନ ସେହିପରି ଅବସ୍ଥାରେ ଖିଲାଫତ୍ ଦରବାରକୁ ପ୍ରେରଣ କରିଦିଆଯାଇଥିଲା ଯଦ୍ୱାରା ପାର୍ସୀମାନଙ୍କ ଗୌରବମୟ ଜୀବନଶୈଳୀ ଓ ଇସ୍‌ଲାମ୍‌ର ବିଜୟର ଗାଥା ସର୍ବସାଧାରଣଙ୍କ ଲୋକ ଲୋଚନକୁ ଆସିପାରିବ । ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ଯେତେବେଳେ ଏହି ସାମଗ୍ରୀ ଉପସ୍ଥାପନ କରାଗଲା ସେତେବେଳେ ସେ ମଧ୍ୟ ନିଜ ସିପାହୀମାନଙ୍କ ବିଶ୍ୱସ୍ତତାର ସ୍ତର ଦେଖି ଆଶ୍ଚର୍ଯ୍ୟଚକିତ ହୋଇଥିଲେ । ଏବଂ ଏହାର ସେ ସ୍ୱୟମ ପରିପ୍ରକାଶ ମଧ୍ୟ କରିଥିଲେ । ମଦିନାରେ ମହ୍‌ଲମ୍ ନାମକ ଜଣେ ବ୍ୟକ୍ତି ଥିଲା ଯିଏ ବେଶ୍ ଉଚ୍ଚତା ସମ୍ପର୍ଣ୍ଣ ଓ ସୁନ୍ଦର ବ୍ୟକ୍ତି ଥିଲା । ହଜ୍‌ରତ୍ ଉମର୍ ର:ଅ ଆଦେଶ ଦେଲେ ଯେ ନୌଶେର୍‌ୱାଁ ସମ୍ରାଟର ଏହି ସୁନ୍ଦର ବସ୍ତ୍ର ନେଇ ତାହାକୁ ପରିଧାନ କରାଯାଉ ଭଳି ଭଳିକା ପୋଷାକ ଥିଲା ଅତଏବ ତାହାକୁ ଗୋଟିଏ ପରେ ଗୋଟିଏ ବସ୍ତ୍ର ପରିହିତ କରାଯାଇଥିଲା । ସେହି ବସ୍ତ୍ରଗୁଡ଼ିକର ସୌନ୍ଦର୍ଯ୍ୟତା ଦେଖି ଲୋକେ ହତ୍‌ବାକ୍ ହୋଇଯାଇଥିଲେ । ଏହିପରି ସେହି ଚଟେଇ ଯାହାର ନାମ ବାହାର୍ ଥିଲା ତାହାକୁ ମଧ୍ୟ ବାଂଟି ଦିଆଯାଇଥିଲା ଅର୍ଥାତ ମୁସଲମାନମାନଙ୍କ ମଧ୍ୟରେ ସେ ସମସ୍ତ ଜିନିଷ ବାଂଟି ଦିଆଯାଇଥିଲା । ***(ତାରିଖେ ତିବ୍‌ରୀ, ଖଣ୍ଡ-୨,  ଭାଗ-୨, ପୃ-୩୮୮.....କରାଚି ୨୦୦୪) (ସିରତ୍ ଅମୀରୁଲ୍ ମୁମିନିନ୍........ ପୃ-୪୧୩-୪୧୭...... ବେରୁତ ୨୦୦୭) (ଅଲ୍‌ଫାରୁକ୍........ ପୃ-୧୦୦-୧୦୩ ..... ଇସ୍‌ଲାମିୟତ୍ ୨୦୦୪) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୪, ପୃ-୮୮,୮୯)***

ଜଲୁଲା ଯୁଦ୍ଧ ୧୬ ହିଜ୍‌ରୀରେ ଘଟିଥିଲା । ମଦାଏନ୍‌ରେ ପରାଜୟ ବରଣ କରିବା ପରେ ଇରାନୀୟ ସୈନ୍ୟ ବାଗ୍‌ଦାଦ୍ ଏବଂ ଖରାସାନ୍‌ର ନିକଟବର୍ତୀ ଅଂଚଳ ସ୍ଥିତ ଜଲୁଲା ସହରରେ ଏକତ୍ରିତ ହୋଇଥିଲେ ଓ ମୁସଲମାନମାନଙ୍କ ମୁକାବିଲା ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ହଜ୍‌ରତ୍ ଉମର୍ ର:ଅଙ୍କ ଆଦେଶ କ୍ରମେ ହଜ୍‌ରତ୍ ସାଆଦ୍ ର:ଅ, ହାଶିମ୍ ବିନ୍ ଉତ୍‌ବାଙ୍କୁ ୧୨ ହଜାର ସୈନ୍ୟ ସମେତ ଜଲୁଲା ଅଭିମୁଖେ ପ୍ରେରଣ କରିଦେଲେ । ମୁସଲମାନମାନେ ଏକ ମାସ ପର୍ଯ୍ୟନ୍ତ ସହରକୁ ଘେରାଉ କରି ରଖିଲେ ଇରାନୀମାନେ ସମୟ ସମୟରେ କିଲ୍ଲାରୁ ବାହାରି ଆକ୍ରମଣ କରୁଥିଲେ । ଉକ୍ତ ଅବଧି ମଧ୍ୟରେ ପ୍ରାୟ ୮୦ ଟି ଯୁଦ୍ଧ ହୋଇଥିଲା । ମୁସଲମାନମାନେ ଜଲୁଲାର ବିଜୟ ଗାଥା ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଲେଖି ପ୍ରେରଣ କରିଥିଲେ । ସେଥିରେ ଏହା ମଧ୍ୟ ଉଲ୍ଲେଖ ଥିଲା ଯେ, ହଜ୍‌ରତ୍ କଅକାଆ ର:ଅ ହଲ୍‌ୱାନ୍‌ରେ ଶିବିର ଲଗାଇ ମୁତୟନ ରହିଛନ୍ତି ଅଧିକନ୍ତୁ ପତ୍ରରେ ହଜ୍‌ରତ୍ ଉମର୍ ର:ଅଙ୍କୁ ଅଣ ଆରବ ଆଡ଼କୁ ଅଗ୍ରସର ହେବାପାଇଁ ଅନୁମତି ଲୋଡ଼ା ଯାଇଥିଲା କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଏହାର ଅନୁମତି ପ୍ରଦାନ କରିନଥିଲେ ଏବଂ କହିଥିଲେ ଯେ, ପରାଜିତ ସିପାହୀମାନଙ୍କ ପଛ ଧରିବା ଉଚିତ ନୁହେଁ ବରଂ ମୁଁ ଚାହୁଁଛି ଇରାକ୍‌ର ସୱାଦ୍ ଓ ଇରାନ୍‌ର ପର୍ବତ ମଧ୍ୟରେ କାଳେ ଏକ ସୁଦୀର୍ଘ ପାଚେରୀ ଦଣ୍ଡାୟମାନ ହୋଇଥାନ୍ତା କି ଯଦ୍ୱାରା ନା ପାର୍ସିମାନେ ଆମ ନିକଟକୁ ଆସିପାରନ୍ତେ ଓ ନା ଆମେ ସେମାନଙ୍କ ଅଂଚଳରେ ପ୍ରବେଶ କରିପାରନ୍ତୁ (ଏଥିରୁ ପତିତ ହେଉଛି ଯେ, ଖଲିଫା ଯୁଦ୍ଧ ଚାହୁଁନଥିଲେ), ଆମମାନଙ୍କ ପାଇଁ ଇରାକ୍‌ର ସୱାଦ୍ ଭୂମି ଯଥେଷ୍ଟ ଯାହାକି ହଜ୍‌ରତ୍ ଉମର୍ ର:ଅ ମୁସଲମାନମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ହଜ୍‌ରତ୍ ଉମର୍ ର:ଅ ଆହୁରି କହିଥିଲେ ଯେ, ମୁଁ ମାଲେ ଗନିମତ୍ ଅପେକ୍ଷା ମୁସଲମାନମାନଙ୍କର ସୁରକ୍ଷାକୁ ଅଧିକ ଅଗ୍ରାଧିକାର ଦେଉଛି ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ସାଆଦ୍ ର:ଅ କୁଜାଇ ବିନ୍ ଉମ୍‌ରୋ ଦୁୱ୍‌ଲିଙ୍କ ହସ୍ତରେ ଏକ ପଂଚମାସ ହିସାବରେ ସୁନା, ରୂପା, ବାସନ, ଏବଂ କପଡ଼ା ପଠାଇଲେ ପୁଣି ଅବୁ ମୁଫଜ୍ଜିର୍ ଅସ୍‌ୱଦ୍‌ଙ୍କ ହସ୍ତରେ କଏଦୀ ପ୍ରେରଣ କରିଥିଲେ । ଅନ୍ୟ ଏକ ବର୍ଣ୍ଣନା ଅନୁଯାୟୀ ତାହାର ସମସ୍ତ ହିସାବ କିତାବ ଜିୟାଦ୍ ବିନ୍ ଅବୁ ସୁପିୟାନ୍‌ଙ୍କ ଜରିଆରେ ପ୍ରେରଣ କରିଥିଲେ କାରଣ ସେ ମୁନ୍‌ସୀ ଥିଲେ ଓ ସେ ସମସ୍ତ ହିସାବ କିତାବ ରେଜିଷ୍ଟରରେ ଦରଜ କରୁଥିଲେ । ଯେତେବେଳେ ମାଲେ ଗନିମତ୍‌ରୁ ଏକ ପଂଚମାଂଶ ହଜ୍‌ରତ୍ ଉମର୍ ର:ଅଙ୍କ ସେବାରେ ଉପସ୍ଥାପିତ କରାଗଲା ସେତେବେଳେ ଆପଣ ର:ଅ ମାଲେ ଗନିମତ୍‌ରେ ଥିବା ମୂଲ୍ୟବାନ ରତ୍ନ ଓ ମାଣିକ୍ୟ ଦେଖି କାନ୍ଦି ପକାଇଲେ ଏବଂ କହିଲେ ଅଲ୍ଲାଃ ତାଲା ଯେଉଁ ଜାତିକୁ ଏହି ମାଣିକ୍ୟ ତଥା ଧନରତ୍ନ ପ୍ରଦାନ କରନ୍ତି ସେତେବେଳେ ସେହି ଜାତିର ଲୋକମାନଙ୍କ ମଧ୍ୟରେ ଈର୍ଷା ଓ ବୈରାଗ୍ୟ ଭାବ ମଧ୍ୟ ଜାତ କରିଦେଇଥାନ୍ତି ଯାହା କାଳକ୍ରମେ ବୃଦ୍ଧି ପାଇଥାଏ ଅର୍ଥାତ ସେମାନଙ୍କ ମଧ୍ୟରେ ପାରସ୍ପରିକ ଇର୍ଷାପଣ, ବୈରାଗ ଭାବ ଓ ସଂସାର ଲୋଭ ବଢ଼ିଥାଏ ସଂସାର ପ୍ରତି ଆସକ୍ତଭାବ ଉତ୍ପନ୍ନ ହୋଇଥାଏ ତାହା ବୃଦ୍ଧି ପାଇଥାଏ । ଏହା ଅତ୍ୟନ୍ତ ବିଚାର ଯୋଗ୍ୟ  ଏବଂ ଇସ୍ତେଗ୍‌ଫାର୍ (କ୍ଷମା ଯାଚନା) କରିବାର ସ୍ଥାନ କାରଣ ଆମେମାନେ ଦେଖୁଛେ ଯେ, ଇର୍ଷା ଭାବ ଓ ବୈରାଗ ଭାବ ଆସିବା ଦ୍ୱାରା ମଣିଷ ପ୍ରଭୁଙ୍କଠାରୁ ଦୁରେଇ ଯାଇଥାଏ ଏବଂ ସଂସାରରେ ମାତି ଯାଇଥାଏ । ସଂସାର ଲିପ୍‌ସୁ ପାଟି ଯାଇଥାଏ । ହଜ୍‌ରତ୍ ଉମର୍ ର:ଅ କହିଲେ କ'ଣ ତୁମେ ମୁସଲମାନମାନଙ୍କ ସମ୍ମୁଖରେ ଛିଡ଼ା ହୋଇ ଅର୍ଥାତ ଯେତେବେଳେ ହଜ୍‌ରତ୍ ଅବୁ ସୁଫଜ୍ଜିର୍ ଓ ଜିୟାଦ୍ ବିନ୍ ଅବୁ ସୁଫିୟାନ ଆଦି ହଜ୍‌ରତ୍ ଉମର୍ ର:ଅଙ୍କ ସେବାରେ ପହଂଚିଲେ ଏବଂ ସମସ୍ତ ବିଜୟ ଗାଥା ବର୍ଣ୍ଣନା କଲେ । ସେତେବେଳେ ହଜ୍‌ରତ୍ ଜିୟାଦ୍‌ଙ୍କୁ ହଜ୍‌ରତ୍ ଉମର୍ ର:ଅ କହିଲେ, କ'ଣ ଯାହା ତୁମେ ମୋ ସମ୍ମୁଖରେ କହୁଛ ତାହା ଲୋକମାନଙ୍କ ସମ୍ମୁଖରେ, ମୁସଲମାନମାନଙ୍କ ସମ୍ମୁଖରେ ଛିଡ଼ା ହୋଇ କହିପାରିବ । ଜିୟାଦ୍ ଉତର ଦେଲେ ପ୍ରଭୁଙ୍କ ରାଣ ! ସମଗ୍ର ବିଶ୍ୱରେ ମୁଁ ଆପଣଙ୍କ ବ୍ୟତିତ ଅନ୍ୟ କାହାରିକୁ ଭୟ କରେନାହିଁ ।

ଯେତେବେଳେ ମୁଁ ଆପଣଙ୍କ ସମ୍ମୁଖରେ ଏ ସବୁ କହିପାରୁଛି ତେବେ ଅନ୍ୟମାନଙ୍କ ସମ୍ମୁଖରେ କାହିଁକି ବା କହିପାରିବି ନାହିଁ । ଅତଏବ ଜିୟାଦ୍ ସର୍ବସାଧାରଣଙ୍କ ସମ୍ମୁଖରେ ଛିଡ଼ା ହୋଇ ସମସ୍ତ ଘଟଣାମାନ ଅର୍ଥାତ ମୁସଲମାନମାନଙ୍କ ବିଜୟଗାଥାର ବୃତାନ୍ତ କଲେ ଏବଂ ମୁସଲମାନମାନ ଉତ୍ସର୍ଗୀମାନେ ଯେଉଁ ଗୌରବମୟ କାର୍ଯ୍ୟ ସମ୍ପାଦନ କରିଥିଲେ ତାହାର ଆଲୋଚନାକ କଲେ ଯେ, କିପରି ଯୁଦ୍ଧ ହେଲା ଶତ୍ରୁପକ୍ଷ ପରାଜିତ ହୋଇ ପଳାୟନ କଲେ ଏବଂ ସେମାନଙ୍କ ସହର ସେମାନଙ୍କ ଧନ ସମ୍ପତି ମୁସଲମାନମାନଙ୍କ ଅଧିନସ୍ଥ ହେଲା ତାହାର ଚର୍ଚ୍ଚା କରିଥିଲେ । ହଜ୍‌ରତ୍ ଉମର୍ ର:ଅ ତାଙ୍କ ଅଭିଭାଷଣ ଶୁଣି ନିଜର ମତ ପ୍ରକାଶ କଲେ ଯେ, ଇଏ ଜଣେ ବହୁତ ବଡ଼ ବକ୍ତା ଅଟନ୍ତି । ପ୍ରତ୍ୟୁତରରେ ହଜ୍‌ରତ୍ ଜିୟାଦ୍ କହିଲେ, ଆମ ସେନା ଦଳ ଏଭଳି ସୁନାମ ଅର୍ଜନ କରିଛନ୍ତି ଯେ, ଆମ ମୁହଁ ଖୋଲି ଯାଇଛି ଅର୍ଥାତ ଆମେ ଏଭଳି ବକ୍ତବ୍ୟ ଦେବାକୁ ସାମର୍ଥ୍ୟ ଲାଭ କରିପାରିଛୁ ।

ଗୋଟିଏ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ଖୁମୁସ୍ ଅର୍ଥାତ ଏକ ପଚଂମାସ ଧନସମ୍ପତି ଆସିଲା ତାହା ଦେଖି ହଜ୍‌ରତ୍ ଉମର୍ ର:ଅ କହିଲେ ଏତେ ପରିମାଣର ଧନସମ୍ପତି ତ କୌଣସି ଛାତ ତଳେ ରହିବା ବା ଆବଦ୍ଧ କରିବା ସମ୍ଭବ ନୁହେଁ ତେଣୁ ଏ ସବୁ ଶିଘ୍ର ଶିଘ୍ର ବାଂଟିଦିଅ । ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ଓ ଅବ୍‌ଦୁଲ୍ଲା ବିନ୍ ଅକ୍‌ରମ୍ ମସ୍‌ଜିଦ୍ ପ୍ରାଙ୍ଗଣରେ ତାହାର ଚୌକିଦାରୀ କରୁଥିଲେ ଅର୍ଥାତ ସେ ସମସ୍ତ ଧନସମ୍ପତିର ସୁରକ୍ଷା ଦାୟିତ୍ୱରେ ମୃତୟନ ଥିଲେ । ସକାଳେ ଯେତେବେଳେ ହଜ୍‌ରତ୍ ଉମର୍ ର:ଅ ଓ ଅନ୍ୟ ସାହାବାମାନେ ଆସି ଉକ୍ତ ଧନସମ୍ପତି ଉପରୁ କପଡ଼ା ଉଠାଇ ଦେଖିଲେ ସେତେବେଳେ ସେହି ଅମୁଲ୍ୟ ମୋତିମାଣିକକୁ ଦେଖି ହଜ୍‌ରତ୍ ଉମର୍ ର:ଅ କାନ୍ଦି ପକାଇଲେ ହଜ୍‌ରତ୍ ଅବ୍‌ଦୁର୍ ରହ୍‌ମାନ୍ ର:ଅ ହଜ୍‌ରତ୍ ଉମର୍ ର:ଅଙ୍କୁ ପଚାରିଲେ: ହେ ଅମୀରୁଲ୍ ମୁମିନିନ୍ ! ଆପଣ କାହିଁକି କାନ୍ଦୁଛନ୍ତି । ଅଲ୍ଲାଃଙ୍କ ରାଣ ! ଏଥିରେ ତ' କୃତଜ୍ଞ ହେବା କଥା । ଏହା ଶୁଣି ହଜ୍‌ରତ୍ ଉମର୍ ର:ଅ କହିଲେ ଯେ, ଯେତେବେଳେ ପ୍ରଭୁ କୌଣସି ଜାତିକୁ ଏଭଳି ପୁରସ୍କାର ଦ୍ୱାରା ଅଭିଷିକ୍ତ କରିଥାନ୍ତି ସେତେବେଳେ ସେମାନଙ୍କ ମଧ୍ୟରେ ଈର୍ଷା ଓ ବୈରାଗଭାବ ମଧ୍ୟ ଜାତ କରିଦେଇଥାନ୍ତି ଏକଥା ମତେ କନ୍ଦାଇ ଦେଲା ଯେ ଏହି ସବୁ ଧନ ଦଉଲତ ଯୋଗୁଁ କାଳେ ତୁମମାନଙ୍କ ମଧ୍ୟରେ ଭାଇଚାରା ପରିବର୍ତେ ଈର୍ଷାଭାବ ଓ ଘୃଣା ବଢ଼ିନଯାଉ ଓ ଯେଉଁ ଜାତିରେ ଏଭଳି ଅବସ୍ଥା ସୃଷ୍ଟି ହୁଏ, ସେଠି ପୁଣି ଗୃହଯୁଦ୍ଧ ଆରମ୍ଭ ହୋଇଯାଏ । ***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୪୬୮-୪୭୧.....ବେରୁତ ୨୦୧୨) (ସିରତ୍ ଅମୀରୁଲ୍ ମୁମିନିନ୍........ ପୃ-୪୨୦-୪୨୧...... ବେରୁତ ୨୦୦୭) (ଅଲ୍‌ଫାରୁକ୍, ପୃ-୧୦୪..... ୨୦୦୪)***

ହଜୁର ଅନଓ୍ୱର ଅ:ବ:ଅ କହିଲେ ଏକଥା ବଡ଼ ଚିନ୍ତା ଜନକ କଥା ଯେଉଁଥିପାଇଁ ମୁସଲମାନମାନଙ୍କୁ, ଆମମାନଙ୍କୁ ମଧ ଇସ୍ତେଗ୍‌ଫାର କରିବା ଉଚିତ ପ୍ରଭୁଙ୍କ ସାନିଧ୍ୟକୁ ପ୍ରାଥମିକତା ଦେବା ଉଚିତ । ଯେଉଁମାନଙ୍କ ନିକଟରେ ତୈଳର ଅଜସ୍ର ଭୁସମ୍ପତି ରହିଛି ସେମାନଙ୍କ ଓ ଅନ୍ୟମାନଙ୍କ ନିକଟରେ ଯେଉଁମାନଙ୍କ ନିକଟରେ ବହୁ ମୂଲ୍ୟ ଧନଦୌଲତ ରହିଛି ସେମାନଙ୍କ ନିକଟରେ ଈଶ୍ୱର ଭୟ କମ୍ ରହିଥାଏ । ତେଣୁ ସେମାନଙ୍କୁ ପ୍ରଭୁଙ୍କର ଶରଣ ଭିକ୍ଷା କରିବା ଉଚିତ ।

ମଦାଏନ୍ ଯୁଦ୍ଧ ଚାଲିଥିବା ସମୟରେ ଇରାନ୍‌ର ସମ୍ରାଟ ଯଜଦ୍‌ଜର୍ଦ ନିଜ ରାଜଗାଦି ମଦାଏନ୍ ଛାଡ଼ି ନିଜ ପରିବାର ଓ କର୍ମଚାରୀଙ୍କ ସହିତ ହଲ୍‌ଓ୍ୱାନ୍‌କୁ ପଳାୟନ କରିଥିଲା ଯେତେବେଳେ ଯଜଦ୍‌ଜର୍ଦକୁ ଜଲୁଲାର ପରାସ୍ତ ଖବର ମିଳିଲା ସେତେବେଳେ ସେ ହଲ୍‌ଓ୍ୱାନ୍ ଛାଡ଼ି ରଏ ଇଲାକାକୁ ଚାଲିଗଲା ଏବଂ ହଲ୍‌ଓ୍ୱାନ୍ ର ସୁରକ୍ଷା ଦାୟିତ୍ୱ ଖୁସ୍‌ରୋ ଶନୁମ୍, ଯିଏ କି ଜଣେ ସୁଦକ୍ଷ ଓ ସମ୍ମାନନୀୟ ପ୍ରତିଷ୍ଠିତ ସେନାଧ୍ୟକ୍ଷ ଥିଲା, କିଛି ସିପାହୀଙ୍କ ସମେତ ତାଙ୍କୁ ସେଠାରେ ମୁତୟନ କରିଦେଇଥିଲେ । ହଜ୍‌ରତ୍ ସାଆଦ୍ ର:ଅ ଜଲୁଲାଠାରେ ରହି ହଜ୍‌ରତ୍ କଅକାଆଙ୍କୁ ହଲ୍‌ଓ୍ୱାନ୍ ଅଭିମୁଖେ ପ୍ରେରଣ କରିଦେଇଥିଲେ । କଅକାଆ କସ୍‌ରେ ଶିରିନ୍ ନିକଟରେ ପହଂଚିଲେ ଓ ତାହା ହଲ୍‌ଓ୍ୱାନ୍‌ଠାରୁ ତିନି ମାଇଲ ଦୁରତାରେ ଅବସ୍ଥିତ ଥିଲା । ଖୁସ୍‌ରୁ ଶନୁମ୍ ସ୍ୱୟମ ହଜ୍‌ରତ୍ କଅକାଆଙ୍କ ମୁକାବିଲା ପାଇଁ ଅଗ୍ରସର ହୋଇଥିଲା । ଅର୍ଥାତ ପ୍ରଥମେ ଗୋଡ଼ ବଢ଼ାଇଥିଲା କିନ୍ତୁ ପରାସ୍ତ ହୋଇ ପଳାୟନ ମଧ୍ୟ କରିଥିଲା । ହଜ୍‌ରତ୍ କଅକାଆ ହଲ୍‌ଓ୍ୱାନ୍‌ରେ ପହଂଚି ଶାନ୍ତି କାଏମ୍ କରିବା ପାଇଁ ଚତୁପାର୍ଶ୍ୱରେ ଆହ୍ୱାନ ଦେଇଥିଲେ ସୁତରାଂ ଆଖପାଖର ଧର୍ନାଢ଼୍ୟ ବ୍ୟକ୍ତି ମାନେ ଆସି ଜିଜିୟା ଗ୍ରହଣ କରୁଥିଲେ ଏବଂ ସେମାନେ ଇସ୍‌ଲାମ୍‌ର ସମର୍ଥନ କରୁଥିଲେ । ***(ଅଲ୍‌ଫାରୁକ୍, ପୃ-୧୦୬, ଲାହୋର୍ ୧୪୭୩ ହିଜ୍‌ରୀ) (ଅଲ୍ ଅଖ୍‌ବାରୁଲ୍ ତଓ୍ୱାଲ୍......ପୃ-୧୮୩, ବେରୁତ ୨୦୦୧)***

ମାସବଜାନ୍‌ର ବିଜୟ କିଭଳି ହେଲା ସେଥି ସମ୍ବନ୍ଧରେ ଲେଖା ଅଛି ଯେ, ହଜ୍‌ରତ୍ ହାସିମ୍ ବିନ୍ ଉତ୍‌ବା ଯିଏ କି ଜଲୁଲା ଯୁଦ୍ଧରେ ସେନାଧ୍ୟକ୍ଷ ଥିଲେ, ସେ ମଦାଏନ୍ ଫେରିଆସିଥିଲେ ଏବଂ ହଜ୍‌ରତ୍ ସାଆଦ୍ ର:ଅ ଏବେ ମଦାଏନ୍‌ରେ ଅବସ୍ଥାନ କରିଥିଲେ ଯେ, ତାଙ୍କୁ ଇରାନୀୟ ସେନାର ଆଗମନର ସୁଚନା ପ୍ରାପ୍ତ ହେଲା । ହଜ୍‌ରତ୍ ଉମର୍ ର:ଅଙ୍କୁ ଯେତେବେଳେ ସେ ଏ ସମସ୍ତ ଘଟଣା ଲେଖି ପ୍ରେରଣ କଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାଙ୍କ ମାର୍ଗଦର୍ଶନ କରି କହିଲେ, ଜରାର୍ ବିନ୍ ଖତାବ୍‌ଙ୍କ ନେତୃତ୍ୱରେ ଏକ ସୈନ୍ୟଦଳ ମୁକାବିଲା ପାଇଁ ପ୍ରେରଣ କରିଦିଅନ୍ତୁ । ମାସବଜାନ୍‌ର ସମତଳ ଅଂଚଳର ହନ୍ଦଫ୍‌ଠାରେ ଉଭୟ ପକ୍ଷ ମଧ୍ୟରେ ଯୁଦ୍ଧ ହୋଇଥିଲା ଏବଂ ଇରାନୀୟ ସେନା ଏଠାରେ ମଧ ପରାଜିତ ହୋଇଥିଲା । ମୁସଲମାନମାନେ ଆଗକୁ ଅଗ୍ରସର ହୋଇ ମାସବଜାନ୍ ସହରକୁ ଅଧିକାର କରିନେଇଥିଲେ ସେତେବେଳେ  ସହର ବାସୀ ପଳାୟନ କରିବାକୁ ଲାଗିଲେ କିନ୍ତୁ ଜରାର୍ ବିନ୍ ଖତାବ୍ ସେମାନଙ୍କୁ ନିଶଙ୍କୋଚ ଭାବରେ ଶାନ୍ତିର ସହିତ ନିଜ ନିଜ ଘରେ ରହିବାକୁ ଡ଼ାକରା ଦେଇଥିଲେ । ଯଦ୍ୱାରା ସେମାନେ ତାହା ସ୍ୱୀକାର କରିନେଇଥିଲେ ଏବଂ ନିଜ ଘରକୁ ଫେରି ଆସିଥିଲେ । ***(ତିବ୍‌ରୀ, ଖଣ୍ଡ-୨, ପୃ-୪୭୫.....ବେରୁତ ୧୯୮୭)***

ବିଲାଜରି ମାସ୍‌ବଜାନ୍ ବିଜୟ ସମ୍ବନ୍ଧରେ ଭିନ୍ନ ଭିନ୍ନ ରିଓ୍ୱାୟତ ଦେଇଛନ୍ତି । ଗୋଟିଏ ରିଓ୍ୱାୟତରେ ବର୍ଣ୍ଣିତ ଅଛି ଯେ, ହଜ୍‌ରତ୍ ଅବୁ ମୁସା ଅଶଅରୀ ର:ଅ ନହାଓ୍ୱନ୍ଦ ଯୁଦ୍ଧରୁ ଫେରିବା ସମୟରେ ସେହି ସହରକୁ ବିନା ଯୁଦ୍ଧରେ ଅଧିକାର କରିନେଇଥିଲେ ।

***(ମକାଲା, ତାରିଖେ ଇସ୍‌ଲାମ୍..... ପୃ-୧୨୦) (ଫୁତୁହୁଲ୍ ବୁଲ୍‌ଦାନ୍ ଅଲାମା ବଲାଜରୀ ପୃ-୧୮୫..... ବେରୁତ ୨୦୦୦)***

ଖୁଜସ୍ତାନ୍ ବିଜୟ ପ୍ରସଙ୍ଗରେ ଉଲ୍ଲେଖ ରହିଛି, ଖୁଜସ୍ତାନ୍ ଇରାନ୍‌ର ଏକ ରାଜ୍ୟ । ହରମ୍‌ଜାନ୍ ଇସ୍‌ଲାମ୍ ସ୍ୱୀକାର କରିବା ପୂର୍ବରୁ ଉକ୍ତ ସହରର ଗର୍ଭଣ୍ଣର ଥିଲା । ସେହି ଅଂଚଳ ଓ ସେଠିକାର ବାସିନ୍ଦାଙ୍କୁ ଖୋଜ୍ କୁହାଯାଉଥିଲା ଏହା ଅହଓ୍ୱାଜ୍ ର ପାର୍ଶ୍ୱବର୍ତୀ ପାରସ୍ୟ ଓ ବସ୍‌ରା ତଥା ଓ୍ୱାସିତ୍ ଏବଂ ଅସ୍‌ଫାନ୍‌ର ପର୍ବତ ମଧବର୍ତୀ ଏକ ଅଚଂଳ ଥିଲା ।

୧୪ ହିଜ୍‌ରୀରେ ହଜ୍‌ରତ୍ ଉମର୍ ର:ଅ ସେନାର ହିତ ଏବଂ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଇରାକ୍‌ରେ କ୍ଷୁଦ୍ର ସ୍ତରରେ ଅନ୍ୟ ଏକ ଛୋଟ କେନ୍ଦ୍ର ଖୋଲିଦେଲେ ଏବଂ ଉତ୍‌ବା ବିନ୍ ଗଜ୍‌ଓ୍ୱାନ୍‌ଙ୍କ ନେତୃତ୍ୱରେ ଏକ ଛୋଟିଆ ସୈନ୍ୟ ଦଳ ସେହି ଇଲାକାକୁ ପଠାଇଲେ ଏହିପରି ବସ୍ରା ସହର ଠାରେ ସେନା ଛାଉଣୀ ସ୍ଥାପନ କରିଥିଲେ ଏହି ସୈନ୍ୟଦଳ ନା କେବଳ ଆଖପାଖ ଅଂଚଳକୁ ବିଜୟ କରୁଥିଲା ବରଂ ଇରାନୀ ସେନା ଏ ଖବର ଶୁଣି ସେ ଇଲାକାକୁ ଆସିବା ପାଇଁ ସାହାସ କରୁନଥିଲେ । ଉକ୍ତ ଅଂଚଳରେ ସେନା ମୁତୟନ କରିବାର ପ୍ରମୁଖ କାରଣ ଏହା ଥିଲା ଯେ, ଇରାନୀୟ ସେନାର ସୈନ୍ୟ ଟୁକୁଡ଼ି ବାରମ୍ବାର ସେହି ମାର୍ଗ ଦେଇ ମୁସଲମାନମାନଙ୍କ ଉପରେ ଆକ୍ରମଣ କରୁଥିଲା ତେଣୁ ସେମାନଙ୍କୁ ସେଠାରେ ଅଟକାଇବା ଓ ସେମାନେ ଯେପରି ଆଗକୁ ବଢ଼ି ପାରିବେ ନାହିଁ ସେଥିପାଇଁ ଏହି ସେନା ଛାଉଣୀର ସ୍ଥାପନ କରାଯାଇଥିଲା । ମୁସଲମାନମାନେ ଖୋଜିସ୍ତାନ୍‌ରେ ପ୍ରସିଦ୍ଧ ସହର ଅହ୍‌ଓ୍ୱାଜ୍‌କୁ ଯେତେବେଳେ ଅଧିକାର କଲେ ସେତେବେଳେ ସେଠାକାର ଅଧିପତି ବୈର୍‌ଓ୍ୱାଜ୍ ସହିତ ସନ୍ଧି ସ୍ଥାପନ କରିନେଲା ଏବଂ ସେମାନେ ମୁସଲମାନମାନଙ୍କ ଉପରେ ଆକ୍ରମଣ କଲେନାହିଁ । ସେହି ସେନାଦଳର ଅମୀର ହଜ୍ କରିବା ଓ ହଜ୍‌ରତ୍ ଉମର୍ ର:ଅଙ୍କ ସହ ସାକ୍ଷାତ କରିବା ଉଦ୍ଦେଶ୍ୟର ହିଜାଜ୍ ଫେରି ଯାଇଥିଲେ ତାଙ୍କ ଅନୁପସ୍ଥିତିର ହଜ୍‌ରତ୍ ଉମର୍ ର:ଅ ଓ ହଜ୍‌ରତ୍ ମୁଗୈରା ବିନ୍ ସୈବାଙ୍କୁ ସେନାଧ୍ୟକ୍ଷ କରିଥିଲେ, କିନ୍ତୁ ଯେତେବେଳେ ହଜ୍‌ରତ୍ ମୁଗୈରା ର:ଅଙ୍କ ଉପରେ ଏକ ଲାଞ୍ଛନା ଲାଗିଲା ସେତେବେଳେ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ସେହି ପଦରୁ ନିଲମ୍ବିତ କରି ମଦିନା ଡ଼କାଇ ନେଇଥିଲେ ଏବଂ ତାଙ୍କ ସ୍ଥାନରେ ଅବୁ ମୁସା ଅଶ୍‌ଅରୀଙ୍କୁ ସେନାଧ୍ୟକ୍ଷ ପଦରେ ମୁତୟନ କରିଥିଲେ । ତେବେ ହଜ୍‌ରତ୍ ମୁଗୈରାଙ୍କ ଉପରେ ଯେଉଁ ଲାଞ୍ଛନା ଲାଗିଥିଲା ତାହା ପରବର୍ତୀ ସମୟରେ ମିଥ୍ୟା ପ୍ରମାଣିତ ହୋଇଥିଲା । ***(ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୪୩୮-୪୪୨.....ବେରୁତ ୧୯୮୭) (ଫର୍‌ହଙ୍ଗ ସିରତ୍, ପୃ-୧୧୬, ଜଓ୍ୱାରା ଏକାଡ୍ରେମି କରାଚି ୨୦୦୩) (ମୁଅଜମୁଲ୍ ବୁଲ୍‌ଦାନ୍, ଖଣ୍ଡ-୨, ପୃ-୨୫୯-୨୬୦)***

ରିଓ୍ୱାୟତ୍‌ରେ ପାର୍ଥକ୍ୟ ରହିଛି ଯେ ୧୬ ହିଜ୍‌ରୀ ବା ୧୭ ହିଜ୍‌ରୀରେ ଇସ୍‌ଲାମିକ ସୈନ୍ୟ ବହୁତ କାମ କରିଛି, ସେ ସମୟରେ ଯୁଦ୍ଧ କାର୍ଯ୍ୟକଳାପ ବଢ଼ିଯାଇଥିଲା । ମୁସଲମାନମାନେ ଖୁଜ୍‌ସ୍ତାନ୍‌ର ପ୍ରଶିଦ୍ଧ ସହର ଅହ୍‌ଓ୍ୱାଜ୍ ଉପରେ କବ୍ଜା କରିନେଲେ । ଐତିହାସିକ ତିବ୍ରୀ ଏହାକୁ ୧୭ ହିଜ୍‌ରୀର ଘଢ଼ଟଣାବଳୀରେ ବର୍ଣ୍ଣନା କରିଛନ୍ତି । ପୁଣି ଏକଥା ମଧ ଉଲ୍ଲେଖ କରିଛନ୍ତି ଯେ କିଛି ରିଓ୍ୱାୟତ ମୁତାବକ ଏହି ବିଜୟର ବର୍ଷ ୧୬ ହିଜ୍‌ରୀ ଥିଲା । ଏ ସମ୍ବନ୍ଧରେ ସେ ଲେଖିଛନ୍ତି ଯେ ସେତେବେଳେ ଇସ୍‌ଲାମୀୟ ସେନାର ନେତୃତ୍ୱ ଉତ୍‌ବା ବିନ୍ ଗଜ୍‌ଓ୍ୱାନ୍ ନେଇଥିଲେ କିନ୍ତୁ ବଲାଜରୀ ତାହାର ବ୍ୟାଖ୍ୟା କରି ଲେଖିଛନ୍ତି ଯେ, ଅହ୍‌ଓ୍ୱାଜ୍ ଓ ତା ପରବର୍ତୀ ସମୟର ବିଜୟ ହଜ୍‌ରତ୍ ଉତ୍‌ବା ବିନ୍ ଗଜଓ୍ୱାନ୍‌ଙ୍କ ପ୍ରତ୍ୟାବର୍ତନ ପରେ ହଜ୍‌ରତ୍ ମୁଗୈରା ବିନ୍ ସୈବା ଓ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀଙ୍କ ନେତୃତ୍ୱରେ ହୋଇଥିଲା । ପୁଣି ଲେଖିଛନ୍ତି ଯେ ହଜ୍‌ରତ୍ ମୁଗୈରା ଅହଓ୍ୱାଜ୍ ବିଜୟ କରିନେଇଥିଲେ । ଯଦିଚ ସେଠାକାର ମୂଖିଆ ବୈରୁ ଜନାମି ପ୍ରଥମେ ଯୁଦ୍ଧ କଲା କିନ୍ତୁ ପରେ ସନ୍ଧି ସ୍ଥାପନ କରିନେଲା । କିଛିଦିନ ପରେ ଯେତେବେଳେ ହଜ୍‌ରତ୍ ମୁଗୈରାଙ୍କ ସ୍ଥାନରେ ଅବୁ ମୁସା ଅଶ୍‌ଅରୀ ବସ୍‌ରା ଇଲାକାରେ ମୁସଲମାନମାନଙ୍କ ସେନାଧ୍ୟକ୍ଷ ଭାବରେ ମୁତୟନ ହୋଇଥିଲେ ସେତେବେଳେ ଉକ୍ତ ମୂଖିଆ ବୈରୁଜ୍ ସନ୍ଧି ଭଙ୍ଗ କରି ବିଦ୍ରୋହ ଆରମ୍ଭ କରିଦେଇଥିଲା ଯଦ୍ୱାରା ଅବୁ ମୁସା ଅଶ୍‌ଅରୀ ତାହା ସହ ସଙ୍ଘର୍ଷ କରି ତାକୁ ସହରରୁ ବିତାଡ଼ିତ କରିଦେଇଥିଲେ ଏବଂ ସହରକୁ ଅଧିକାର କରିନେଇଥିଲେ ଅର୍ଥାତ ସହରଟି ପୂନର୍ବାର ମୁସଲମାନମାନଙ୍କ ସେନା ହାତକୁ ଆସିଥିଲା । ଏହି ଘଟଣା ୧୭ ହିଜ୍‌ରୀରେ ହୋଇଥିଲା ।

ଉକ୍ତ ସଂଘର୍ଷ ପରେ ମୁସଲମାନମାନେ ଶତୃପକ୍ଷର ଅନେକ ଲୋକଙ୍କୁ ଗିରଫ କରି ଗୁଲାମ ଅର୍ଥାତ ଦାସ କରିଦେଇଥିଲେ । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ଆଦେଶ କ୍ରମେ ସମସ୍ତ ବନ୍ଦିମାନଙ୍କୁ ବା କଏଦୀ ହୋଇଥିବା ଲୋକମାନଙ୍କୁ ମୁକ୍ତ କରିଦିଆଗଲା । ଉକ୍ତ ଅଂଚଳରେ ଇରାନୀୟ ସେନା ଦୁଇଟି ବାଟ ଦେଇ ମୁସଲମାନ ସେନା ଉପରେ ବାରମ୍ବାର ଆକ୍ରମଣ କରୁଥିଲା । ଫଳସ୍ୱରୁପ ମୁସଲମାନମାନେ ସେହି ଉଭୟ ମାର୍ଗକୁ ଅଧିକାର କରିନେଲେ । ଅନେକ ସ୍ଥାନରେ ଏହା ଦେଖିବାକୁ ମିଳିଛି ଯେ, ଯେଉଁଠି ଯେଉଁଠି ମୁସଲମାନମାନଙ୍କୁ ଶତ୍ରୁପକ୍ଷ ହଇରାଣ କରଥିଲା ସେଠାରେ ଇସ୍‌ଲାମୀୟ ସେନା ପହଂଚି ନିଜ ପ୍ରତିଦ୍ୱନ୍ଦିଙ୍କୁ ପରାଜୟ କରି ସେମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ପରାଜିତ କରି ସେହି ସ୍ଥାନକୁ ଅଧିକାର କରିନେଉଥିଲେ ଅତଏବ ବଲାଦରି ଲେଖିଛନ୍ତି ଯେ, ଅବୁ ମୁସା ଅଶ୍‌ଅରୀ ତେରୋ ନଦୀ ସହିତ ଅହଓ୍ୱାଜ୍

ଉପରେ ବିଜୟ କରିଥିଲେ । ସେଥିଅନ୍ତେ ସେ ମନାଜିରା ଆଡ଼କୁ ଅଗ୍ରସର ହୋଇଥିଲେ ଏବଂ ସହରର ଘେରାଉ କରିଥିଲେ ଏପରି ଘମାଘୋଟ ଯୁଦ୍ଧ ଆରମ୍ଭ ହୋଇଥିଲା ଏହି ଘେରାଉ ଦିନରେ ଏକଦା ଜଣେ ମୁସଲମାନ ବୀର ସୈନିକ ମୁହାଜିର୍ ବିନ୍ ଜିୟାଦ୍ ରୋଜା ରଖି ଯୁଦ୍ଧ କ୍ଷେତ୍ରକୁ ବାହାରିଗଲେ ଯଦ୍ୱାରା ଶତ୍ରୁର ମୁକାବିଲା କରି ଶାହାଦତ୍‌ର ସୌଭାଗ୍ୟ ଅର୍ଜନ କରିବେ ସୁତରାଂ ତାଙ୍କ ଭାଇ ରବିଇ ଏକଥା ଯାଇ ସେନା ଧକ୍ଷ ଅବୁ ମୁସା ଅଶ୍‌ଅରୀଙ୍କୁ ଜଣାଇଥିଲେ ଯଦ୍ୱାରା ଅବୁ ମୁସା ଅଶ୍‌ଅରୀ ଏହି ଘୋଷଣା କରିଦେଲେ କି ଯେଉଁ ବ୍ୟକ୍ତି ରୋଜା ରଖିଛନ୍ତି ସେ ନିଜ ରୋଜା ଅର୍ଥାତ ଉପବାସ ଖୋଲି ଦିଅନ୍ତୁ ନଚେତ ଯୁଦ୍ଧ କ୍ଷେତ୍ରରୁ ଫେରିଆସନ୍ତୁ । ମୁହାଜିର୍ ଏହି ଘୋଷଣା ଶୁଣି ଜଳର ଗୋଟିଏ ଢ଼ୋକ ପାନ କରି ନିଜର ରୋଜା ଭାଙ୍ଗିଥିଲେ ଏବଂ କହିଲେ ମୁଁ କେବଳ ଅମୀରଙ୍କ ଆଦେଶ ପାଳନ କରି ଏପରି କରୁଛି ନଚେତ ମତେ ନିମିତ ମାତ୍ର ଶୋଷ ଲାଗୁନାହିଁ । ତା'ପରେ ସେ ଖଣ୍ଡା ଉଠାଇ ଶତ୍ରୁ ଆଡ଼କୁ ମାଡ଼ିଗଲେ ଏବଂ ଶତ୍ରୁର ମୁକାବିଲା କରି ଶହୀଦ ହେଲେ । ଶତ୍ରୁ ଆପଣଙ୍କ ଶୀର ଛେଦ କରି ଅଟ୍ଟାଳିକାର ଶୀର୍ଷରେ ଲଟକାଇ ଦେଇଥିଲା । ଅବୁ ମୁସା ଅଶ୍‌ଅରୀ ହଜ୍‌ରତ୍ ଉମର୍ ର:ଅ ନିର୍ଦ୍ଦେଶ କ୍ରମେ ମୁହାଜିର୍‌ଙ୍କ ଭାଇ ରବ୍‌ବିଙ୍କ ନେତୃତ୍ୱରେ ଗୋଟିଏ ସେନାଦଳ ମନାଜିର୍ ଘେରାଉ କରିବାକୁ ପ୍ରେରଣ କରିଥିଲେ ଓ ନିଜେ ସୁସ୍‌କି ସହର ଆଡ଼କୁ ଅଗ୍ରସର ହୋଇଥିଲେ । ଅପରପକ୍ଷେ ରବିଇ ସଂଘର୍ଷ କରି ସହର ଉପରେ କବ୍‌ଜା କରିଥିଲେ ଓ ଅନେକ ଲୋକଙ୍କୁ ବନ୍ଦୀ କରିଥିଲେ ଯାହାଙ୍କୁ ହଜ୍‌ରତ୍ ଉମର୍ ର:ଅଙ୍କ ନିର୍ଦ୍ଦେଶକ୍ରମେ ସ୍ୱାଧୀନ କରିଦିଆଯାଇଥିଲା । ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ସୁସ୍‌କି ଆଡ଼କୁ ଅଗ୍ରସର ହେଲେ । ସହରର ଲୋକମାନେ ପ୍ରଥମେ ଯୁଦ୍ଧ କେଲ । ତା'ପରେ ସହର ଭିତରେ ଆବଦ୍ଧ ହୋଇ ରହିଗଲେ । କାରଣ ସେମାନଙ୍କୁ ଘେରାଉ ଯୋଗୁଁ ସେମାନଙ୍କ ଖାଦ୍ୟ ଉକ୍‌ଟର ସମ୍ମୁଖିନ ହେବାକୁ ପଡ଼ିଥିଲା

ଏହି ବିଜୟ ଗାଥା ବ୍ୟାଖ୍ୟା କରି ମୀର୍ ମେହ୍‌ମୁଦ୍ ସାହେବ ନିଜର ନିବନ୍ଧରେ ଯେଉଁ ଗବେଷଣା ଓ ଅନୁଭୁତି ଲେଖିଛନ୍ତି ସେଥିରେ ସେ ଉଲ୍ଲେଖ କରି କୁହନ୍ତି: ତବ୍‌ରୀ ଓ ବଲାଜରୀ ମଧ୍ୟରେ ଅନେକ ମତପାର୍ଥକ୍ୟ ରହିଛି ଯାହାର କାରଣ ଏହା ଜଣାପଡୁଛି ଯେ ସେହି ଇଲାକାରେ ଇରାନୀ ସର୍ଦ୍ଦାରଙ୍କ ସନ୍ଧୀ ଉଲ୍ଲଘଂନ କରି ବିଦ୍ରୋହ କରିବା ଯୋଗୁଁ ମୁସଲମାନ ସେନା ପୂନରାୟ ଯୁଦ୍ଧ କରିବା ଓ ପ୍ରଥମ ବିଜୟ ସହିତ ଅନେକ କଥନ ମିଶ୍ରିତ ହୋଇଯାଇଛି । ***(ମକାଲା, ତାରିଖେ ଇସ୍‌ଲାମ୍..... ପୃ-୧୨୪-୧୨୭) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୪୯୪.....ବେରୁତ ୧୯୮୭) (ଫୁତୁହୁଲ୍ ବୁଲ୍‌ଦାନ୍, ପୃ-୨୨୫-୨୨୬)***

ଯେଉଁ ବିଜୟ ମିଳିଥିଲା ଓ ପୁଣି ଶାନ୍ତି ସ୍ଥାପନ ହୋଇଥିଲା, ଉଭୟ କଥା ମିଶିଯାଇଥିଲା । ସେ ଯାହା ହେଉ ନା କାହିଁକି ଏହା ତାଙ୍କର ଏକ ଦୃଷ୍ଟିକୋଣ ଥିଲା ।

ରାମା ହର୍ମଜ୍ ଓ ତସ୍ତର ଯୁଦ୍ଧ ପ୍ରସଙ୍ଗରେ ଉଲ୍ଲେଖ ରହିଛି ଯେ, ଇରାନ୍ ସମ୍ରାଟ ୟଜଦ୍‌ଜର୍ଦ ଜଲୁଲା ଯୁଦ୍ଧ ପରେ ଅସତ୍‌ଖର୍ ପଳାୟନ କରିଥିଲା, ଏ ପର୍ଯ୍ୟନ୍ତ ସେ ହାର ମାନିନଥିଲା ଓ ମୁସଲମାନମାନଙ୍କ ବିରୁଦ୍ଧରେ ଲୋକମାନଙ୍କୁ ଏକାଠି କରୁଥିଲା । ଖୁଜିସ୍ତାନ ଯେଉଁ ଅଂଚଳରେ ବିଜୟର ଚର୍ଚ୍ଚା ଆମେ କରିଆସିଲେ ମୁସଲମାନମାନଙ୍କ ବିରୁଦ୍ଧରେ ଅଧିକ ସୈନ୍ୟ ସାହାଯ୍ୟ ପହଂଚାଇବାର ପ୍ରୟାସ କରିଥିଲା । ଦ୍ୱିତୀୟ କାରଣ ଯଦ୍ୱାରା ସେହି ସ୍ଥଳେ ଯୁଦ୍ଧର ଅଗ୍ନୀ ଅଧିକ ତିବ୍ର ରୂପ ନେଇଥିଲା ତାହା ଏହା ଥିଲା କି ସେଠାକାର ଜଣେ ନାମୀ ନେତା ଯାହାର ନାମ ହୁର୍ମଜାନ୍ ଥିଲା ସେ ମୁସଲମାନମାନଙ୍କ ବିରୁଦ୍ଧରେ ଅଂଟା ଭିଡ଼ିଥିଲା । ସେ କାଦ୍‌ସିଆ ଯୁଦ୍ଧରେ ମଧ ଶତ୍ରୁପକ୍ଷ ସହିତ ମିଶି ଯୁଦ୍ଧ ଲଢ଼ିଥିଲା ଏବଂ ସେଠାରୁ ପରାସ୍ତ ହୋଇ ନିଜ ଦେଶକୁ ଚାଲିଯାଇଥିଲା ଏବଂ ଏଠାରେ କ୍ରମାଗତ ଭାବରେ ମୁସଲମାନ ସେନା ଉପରେ ସେ ଛାପା ମାରି ଚାଲିଥିଲା ।

***(ମକାଲା, ତାରିଖେ ଇସ୍‌ଲାମ୍..... ପୃ-୧୨୭-୧୨୮) (ତାରିଖେ ତିବ୍‌ରୀ, ଖଣ୍ଡ-୨, ପୃ-୪୭୩-୪୯୪.....ବେରୁତ ୨୦୧୨)***

ଜଲୁଲାରେ ମୁସଲମାନମାନେ ବିଜୟ ଲାଭ କରିବା ପରେ ଇରାନୀୟ ସେନା ହର୍ମଜାନ୍‌ର ନେତୃତ୍ୱରେ ରାମ୍‌ହରେମିଜ୍ ଠାରେ ଏକତ୍ରିତ ହୋଇଗଲେ । ହଜ୍‌ରତ୍ ଉମର୍ ର:ଅଙ୍କ ମାର୍ଗଦଶର୍ନ କ୍ରମେ ହଜ୍‌ରତ୍ ସାଆଦ୍ ର:ଅ ନୁମାନ୍ ବିନ୍ ମକ୍ରନ୍‌ଙ୍କୁ କୁଫା ଠାରୁ ଏବଂ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅଙ୍କୁ ବସ୍‌ରାଠାରୁ ସେନାପତି କରି ପ୍ରେରଣ କରିଥିଲେ ଏବଂ ତାଙ୍କୁ ଏହି ନିର୍ଦ୍ଦେଶ ଦେଲେ ଯେ, ଯେତେବେଳେ ଉଭୟ ସେନା ଏକତ୍ରିତ ହୋଇଯିବେ ସେତେବେଳେ ଅବୁ ସବ୍ରା ବିନ୍ ରୁହମ୍ ସେମାନଙ୍କର ସେନାପତି ହେବେ । ଦୀର୍ଘ ଦିନର ଘେରାଉ ପରେ ଯେତେବେଳେ ନୁମାନ୍ ବିନ୍ ମକ୍ରନଙ୍କ ସୈନ୍ୟ ଦଳ ସହିତ ହର୍ମଜାନ୍‌ର ମୁକାବିଲା ହେଲା ସେଥିରେ ସେ ପରାଜୟ ବରଣ କରି ତସ୍ତର୍ ଆଡ଼କୁ ପଳାୟନ କରିଥିଲା ଓ ସେଠାରେ ଯାଇ କିଲା ଭିତରେ ଆଶ୍ରୟ ନେଲା । ହଜ୍‌ରତ୍ ଅବୁ ସବ୍‌ରାଃଙ୍କ ନେତୃତ୍ୱରେ ଇସ୍‌ଲାମୀୟ ସେନା ସେହି ତୁସ୍ତର ସହରକୁ ଘେରାଉ କରି ରଖିଲେ । ଏହିପରି ବହୁତ ଦିନ ବିତିଗଲା । ଇରାନୀ ସେନା ବାରମ୍ବାର ବାହାରକୁ ବାହାରି ଆକ୍ରମଣ କରୁଥିଲା ପୁଣି ଯାଇ କିଲା ଭିତରେ ପଶିଯାଉଥିଲା । ଏହିପରି ୮୦ ଥର ଯୁଦ୍ଧ ହୋଇଥିଲା । ଶେଷରେ ମୁସଲମାନମାନେ ସହର ଭିତରୁ ପାଣି ନିଷ୍କାଶନ ହେଉଥିବା ରାସ୍ତାରେ ସହର ଭିତରକୁ ପ୍ରବେଶ କରିଗଲେ ଓ ଏହି ସହର ବିଜୟ ହେଲା ।

ସେଥିସଂକ୍ରାନ୍ତରେ ତଓ୍ୱାଲ୍ ସମ୍ବାଦପତ୍ରର ସମ୍ପାଦକ ଅବୁ ହନିଫା ଦିନାଓ୍ୱରି କହିଲେ, ମୁସଲମାନମାନଙ୍କ ଘେରାଉ ଦୀର୍ଘ ସମୟ ହୋଇଯାଇଥିଲା । ଏକଦା ରାତ୍ର ସମୟରେ ସହରର ଜଣେ ସମ୍ମାନନୀୟ ବ୍ୟକ୍ତି ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅଙ୍କ ନିକଟକୁ ଆସିଲା ଏବଂ ନିଜ ପରିବାର ଓ ଧନର ଅମାନ ଅର୍ଥାତ ସୁରକ୍ଷା ମିଳିବାର ପ୍ରତିବଦଳରେ ସହର ଭିତରକୁ ପ୍ରବେଶ କରିବା ନିମନ୍ତେ ଓ ସହରକୁ କବ୍‌ଜା କରିବା ପାଇଁ ବାଟ ବତାଇଲେ । ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅ ତାଙ୍କୁ ଶରଣ ଦେଇଥିଲେ । ଫୁତୁହୁଲ୍ ବଲ୍‌ଦାନ୍‌ରେ ଉଲ୍ଲେଖ ରହିଛି ଯେ, ସେହି ବ୍ୟକ୍ତି ପରର୍ବତୀ ସମୟରେ ମୁସଲମାନ ହୋଇଯାଇଥିଲା । ସେହି ବ୍ୟକ୍ତି ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅଙ୍କୁ କହିଲା ଯେ ମୋ ସହିତ କୌଣସି ବ୍ୟକ୍ତିକୁ ପ୍ରେରଣ କରିଦିଅନ୍ତୁ କାରଣ ମୁଁ ତାହାକୁ ସାବଧାନ ଓ ସଚେତନ କରିଦେବି ଅର୍ଥାତ ତା'ର ମାର୍ଗଦର୍ଶନ କରିଦେବି ଯେ, ମୁସଲମାନମାନେ କିପରି ଦୁର୍ଗ ମଧ୍ୟକୁ ପ୍ରବେଶ କରିବେ । ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅ ବନୁ ଶୈବାନ୍ କବିଲାର ଜଣେ ବ୍ୟକ୍ତି ଯାହାଙ୍କ ନାମ ଅଶ୍‌ରସ୍ ବିନ୍ ଅଓଫ୍ ଥିଲା ତାଙ୍କୁ ତାଙ୍କ ସହିତ ପ୍ରେରଣ କରିଦେଇଥିଲେ । ସେହ ଦୁହେଁ ଏକ କ୍ଷୁଦ୍ର କେନାଲ ଅର୍ଥାତ ସୁଢ଼ଙ୍ଗ ମଧ ଦେଇ ସହରରେ ପ୍ରବେଶ କରିଥିଲେ । ସେ ହଜ୍‌ରତ୍ ଅଶ୍‌ରସ୍ ବିନ୍ ଅଓଫଙ୍କ ଉପରେ ଏକ ଚାଦର ଘୋଡ଼ାଇ ଦେଇଥିଲେ ଏବଂ ତାଙ୍କୁ କହିଲେ ଯେ, ତୁମେ ମୋ ପଛେ ପଛେ ଆସ ତାଙ୍କୁ ଧରି ସହର ଭିତରେ ଅନତୀ ଦୁରରେ ଥିବା ସମସ୍ତ ସ୍ଥାନକୁ ନେଇ ଭ୍ରମଣ କରାଇ ଦେଇଥିଲେ ଏହାପରେ ସେ ସହରର ମୂଖ୍ୟ ଦ୍ୱାର ସମ୍ମୁଖକୁ ଗଲେ ଯେଉଁଠି ପ୍ରହରୀମାନେ ଉପସ୍ଥିତ ଥିଲେ । ଏହାପରେ ସେ ହୁର୍ମଜାନ୍ ନିକଟରେ ପହଂଚିଲା ଯିଏ କି ନିଜ ପ୍ରାସାଦର ଦ୍ୱାର ସମ୍ମୁଖରେ ଆସର ଜମାଇ ବସିଥିଲା । ଏହି ସମସ୍ତ ଦୃଶ୍ୟ ଦେଖିବା ପରେ ସେ ତାଙ୍କୁ ସେହି ମାର୍ଗ ଦେଇ ଫେରାଇ ନେଇ ଆସିଥିଲା । ଅଶ୍‌ରସ୍ ବିନ୍ ଅଓଫ୍ ସେଠାରୁ ଲେଉଟିବା ପରେ ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅଙ୍କୁ ସବୁ କଥା କହିଥିଲେ । ଅଶ୍‌ରସ୍ ବିନ୍ ଅଓଫ୍ କହିଲେ ଯେ, ଆପଣ ମୋ ସହିତ ୨୦୦ ବୀର ସୀପାହୀମାନଙ୍କୁ ପ୍ରେରଣ କରିଦିଅନ୍ତୁ ମୁଁ ସହରର ପ୍ରହରୀମାନଙ୍କୁ ବନ୍ଧ କରି ମୂଖ୍ୟ ଦ୍ୱାର ଖୋଲିଦେବି ଯଦ୍ୱାରା ଆପଣମାନେ ସହରରେ ପ୍ରବେଶ କରିଯିବେ ଏଭଳି ଯୋଜନାବଦ୍ଧ ଭାବରେ ମୁସଲମାନ ସେନା ଅଶରସ୍ ବିନ୍ ଅଓଫ୍‌ଙ୍କ ସାଥିରେ ସୁଢ଼ଙ୍ଗ ମଧ ଦେଇ ସହରକୁ ପ୍ରବେଶ କରିଥିଲେ ଓ ପ୍ରହରୀମାନଙ୍କୁ ବନ୍ଧ କରି ସହରର ମୂଖ୍ୟ ଦ୍ୱାର ଖୋଲି ଦେଇଥିଲେ । ମୁସଲମାନ ସେନା ଅଲ୍ଲାଃହୁ ଅକ୍‌ବର୍‌ର ସ୍ଲୋଗାନ ଦେଇ ନଗର ମଧ୍ୟକୁ ପ୍ରବେଶ କରିଥିଲେ । ହୁର୍ମଜାନ୍ ଏହି ସ୍ଲୋଗାନ ଶୁଣି ସହର ଭିତରେ ଥିବା ନିଜ କିଲ୍ଲା ଆଡ଼କୁ ଦୌଡ଼ି ପଳାଇଲା । ହୁର୍ମଜାନ୍ ତା' ପ୍ରାସାଦ ଉପରୁ ଏହି ଦୃଶ୍ୟକୁ ଦେଖି କହିଥିଲା ଯେ, ମୋ ମୁଣୀରେ ଶହେ (ଅର୍ଥାତ ତୀର ଥଳୀରେ) ଶହେ ତୀର ରହିଛି ଯେପର୍ଯ୍ୟନ୍ତ ମୋ ଥଳୀରୁ ଏହି ତୀରଗୁଡ଼ିକୁ ସମାପ୍ତ ହୋଇନାହିଁ ସେପର୍ଯ୍ୟନ୍ତ ମତେ କେହି ସ୍ପର୍ଶ କରିପାରିବେ ନାହିଁ । ଏହାପରେ ଯଦି ମୁଁ ଗିରଫ ହୁଏ ତେବେ ମୋ ଗିରଫ ହେବା ପ୍ରସଙ୍ଗରେ କ'ଣ କହୁଛନ୍ତି । ଏହା ଶୁଣି ମୁସଲମାନମାନେ କହିଲେ ଯେ ତୁମେ କ'ଣ ଚାହୁଁଛ ? ସେ କହିଲା ଯେ, ମୁଁ ଏହି ସର୍ତରେ ଆତ୍ମସମର୍ପଣ କରିବି ଯଦି ହଜ୍‌ରତ୍ ଉମର୍ ର:ଅଙ୍କ ନିକଟରେ ମୋର ବିଚାର ଉପସ୍ଥାପନ କରାଯିବ । ଏହିପରି ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅ ହୁର୍ମଜାନ୍‌କୁ ଆତ୍ମସମର୍ପଣ କରିବାକୁ ଆମନ୍ତ୍ରିତ କରିଥିଲେ ଏବଂ ତାଙ୍କୁ ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ଓ ଅହ୍‌ନବ ବିନ୍ କୈସ୍‌ଙ୍କ ତତ୍ତ୍ୱାବଧାନରେ ହଜ୍‌ରତ୍ ଉମର୍ ର:ଅଙ୍କ ନିକଟକୁ ପ୍ରେରଣ କରିଦେଇଥିଲେ । ଏହାପରେ ତସ୍ତର ସହର ମୁସଲମାନ ସେନାର ହାତ ମୁଠାକୁ ଆସିଗଲା । ପରିଶେଷରେ ହର୍ମଜାନ୍ ଗିରଫ ହେଲା ସେତେବେଳେ ସେ ଏହି ଇଛା ପ୍ରକାଶ କଲା ଯେ, ହଜ୍‌ରତ୍ ଉମର୍ ର:ଅ ତା'ର ବିଚାର କରନ୍ତୁ । ହଜ୍‌ରତ୍ ଅବୁ ମୁସା ଅଶ୍‌ଅରୀ ର:ଅ ହର୍ମଜାନ୍‌କୁ ହଜ୍‌ରତ୍ ଉମର୍ ର:ଅଙ୍କ ସେବାରେ ଉପସ୍ଥିତ ହେବା ନିମନ୍ତେ ମଦିନା ପ୍ରେରଣ କରିଦେଲେ । ଯେତେବେଳେ କାଫିଲାଟି ମଦିନାରେ ପ୍ରବେଶ କଲା ସେତେବେଳେ ସେମାନେ ହର୍ମଜାନ୍‌ଙ୍କୁ ତାହାର ରେଶମ ବସ୍ତ୍ର ପିନ୍ଧାଇ ଦେଲେ, ଏହି ବସ୍ତ୍ର ଉପରେ ସ୍ୱର୍ଣ୍ଣ ତାରକାସୀ କାମ ହୋଇଥିଲା ଯାହାକି ଅତ୍ୟନ୍ତ ମୂଲ୍ୟବାନ ବସ୍ତ୍ର ଥିଲା । ତା'ର ମୁକୁଟରେ ହୀରା ମାଣିକ୍ୟ ଓ ରତ୍ନ ଖଚିତ ହୋଇଥିଲା । ଏହା ଏଥିପାଇଁ ଯେ, ହଜ୍‌ରତ୍ ଉମର୍ ର:ଅ ଓ ମଦିନାର ମୁସଲମାନମାନେ ତା'ର ଗାରିମା ଓ ପ୍ରତିଷ୍ଠାକୁ ଉପଲବ୍ଧି କରି ନିଅନ୍ତୁ ଓ ଏକଥା ବତାଇବା ପାଇଁ ଏପରି କରିଥିଲେ ଦେଖ ! ଏତେ ବଡ଼ ସର୍ଦ୍ଦାରକୁ ଆମେମାନେ ପରାଜିତ କରିଛୁ ଅର୍ଥାତ ମୁସଲମାନମାନେ ଏହି କଥା କହୁଥିଲେ । ଯେତେବେଳେ ହର୍ମଜାନ୍ ହଜ୍‌ରତ୍ ଉମର୍ ର:ଅଙ୍କ ସମ୍ପର୍କରେ ପ୍ରଶ୍ନ କଲା ସେତେବେଳେ ଲୋକମାନେ କହିଲେ ଯେ, ହଜ୍‌ରତ୍ ଉମର୍ ର:ଅ ମସ୍‌ଜିଦ୍‌ରେ ଅଛନ୍ତି । ଯେତେବେଳେ ସେମାନେ ମସ୍‌ଜିଦ୍‌ରେ ପହଂଚିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ ନିଜର ପଗଡ଼ି ଉପରେ ହାତ ରଖି ଶୋଇଥିଲେ । ହୁର୍ମଜାନ୍ ପ୍ରଶ୍ନ କଲା ଯେ, ହଜ୍‌ରତ୍ ଉମର୍ ର:ଅ କେଉଁଠି ଅଛନ୍ତି ? ଲୋକମାନେ କହିଲେ ଯେ, ବିଶ୍ରାମ ନେଉଛନ୍ତି । ସେତେବେଳେ ମସ୍‌ଜିଦ୍‌ରେ ହଜ୍‌ରତ୍ ଉମର୍ ର:ଅଙ୍କ ବ୍ୟତୀତ ଅନ୍ୟ କେହି ଉପସ୍ଥିତ ନଥିଲେ । ହର୍ମଜାନ୍ ପ୍ରଶ୍ନ କଲା ଯେ, ତାଙ୍କର ପ୍ରହରୀମାନେ କେଉଁଠି ଅଛନ୍ତି ? ଲୋକମାନେ ତା'କୁ କହିଲେ ହଜ୍‌ରତ୍ ଉମର୍ ର:ଅଙ୍କୁ କୌଣସି ପ୍ରହରୀ, ଦରବାରୀ ଏବଂ ଲିପିକାରର ଆବଶ୍ୟକତା ନାହିଁ । ହର୍ମଜାନ୍ ଏଥିରେ ସହସା କହି ଉଠିଲା ଯେ, ଏହି ବ୍ୟକ୍ତି ନିଶ୍ଚୟ କୌଣସି ନବୀଙ୍କ ପରି ଜ୍ଞାତ ହେଉଛନ୍ତି । ଲୋକମାନେ କହିଲେ ଯେ, ହଜ୍‌ରତ୍ ଉମର୍ ର:ଅ ନବୀ ତ' ନୁହନ୍ତି କିନ୍ତୁ ନବୀଙ୍କ ମାର୍ଗରେ ଅବଶ୍ୟ ପରିଚାଳିତ । ହଜ୍‌ରତ୍ ଉମର୍ ର:ଅ ଲୋକମାନଙ୍କ କଥା

ଶୁଣି ନିଦ୍ରାରୁ ଉଠିଲେ ଏବଂ କହିଲେ, କ'ଣ ଏହି ବ୍ୟକ୍ତି ଜଣକ ହୁର୍ମଜାନ୍? ଲୋକମାନେ କହିଲେ ଯେ, ଆଜ୍ଞା ଏହି ତ' ହୁର୍ମଜାନ୍। ହଜ୍ରତ୍ ଉମର୍ ର:ଅ ତାଙ୍କୁ ଓ ତାହାର ବସ୍ତ୍ରକୁ ଆପାଦମସ୍ତକ ପର୍ଯ୍ୟନ୍ତ ଅବଲୋକନ କରି କହିଲେ ମୁଁ ନର୍କାଗ୍ନୀରୁ ଅଲ୍ଲାଃ ତାଲାଙ୍କ ଶରଣଭିକ୍ଷା କରୁଛି। ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଲୋଡୁଛି କାଫିଲାରେ ଥିବା ଲୋକମାନେ କହିଲେ, ହେ ହଜ୍ରତ୍ ଉମର୍ ର:ଅ! ହର୍ମଜାନ୍ ଆପଣଙ୍କ ସହିତ ବାର୍ତାଳାପ କରିବାକୁ ଚାହୁଁଛି। ଏଥିରେ ହଜ୍ରତ୍ ଉମର୍ ର:ଅ କହିଲେ, ଯେ ପର୍ଯ୍ୟନ୍ତ ସେ ନିଜର ସ୍ୱର୍ଣ୍ଣ ଓ ରାଜକୀୟ ଆଭୁଷଣମାନ ଓହ୍ଲାଇ ନ ଦେଇଛି ସେ ପର୍ଯ୍ୟନ୍ତ ମୁଁ ତା ସହିତ କୌଣସି କଥାବାର୍ତା କରିବି ନାହିଁ। ସୁତରାଂ ଯେତେବେଳେ ସେ ନିଜର ସ୍ୱର୍ଣ୍ଣ ଆଭୁଷିତ ରାଜକୀୟ ବସ୍ତ୍ର ଓ ମୁକୁଟ ଓହ୍ଲାଇ ଦେଲା ସେତେବେଳେ ହଜ୍ରତ୍ ଉମର୍ ର:ଅ ତା ସହିତ ବାର୍ତାଳାପ କଲେ। ହର୍ମଜାନକୁ ହଜ୍ରତ୍ ଉମର୍ ର:ଅ କହିଲେ, ତୁମେ ପ୍ରତିଜ୍ଞା ଭଙ୍ଗ ଓ ବିଶ୍ୱାସଘାତକର ପରିଣତିକୁ କେବେ ଅବଲୋକନ କରିଛ? ଯେଉଁ ଯୁଦ୍ଧ ହୋଇଥିଲା ତାହା ପ୍ରତିଜ୍ଞାଭଙ୍ଗ ଓ ବିଶ୍ୱାସ ଘାତକତା କରିବା ଯୋଗୁଁ ହୋଇଥିଲା। ସେ କହିଲା ଅଶିକ୍ଷିତ ଯୁଗରେ ଯେତେବେଳେ ଅଲ୍ଲାଃ ତାଲା ଆମ ଦୁହିଁଙ୍କ ମଧ୍ୟରୁ କାହା ସହିତ ନଥିଲେ, ସେତେବେଳେ ମୁଁ ତୁମ ଉପରେ କାୟା ବିସ୍ତାର କରିଥିଲି କିନ୍ତୁ ବର୍ତମାନ ଅଲ୍ଲାଃ ତାଲାଙ୍କର ସାହାଯ୍ୟ ସମର୍ଥନ ତୁମ ସହିତ ରହିଛି ତେଣୁ ତୁମେ ଆମ ଉପରେ ବିଜୟ ପ୍ରାପ୍ତ କରିନେଲ। ହଜ୍ରତ୍ ଉମର୍ ର:ଅ ହର୍ମଜାନ୍‌କୁ ଏହି ଉତର ଦେଲେ ଯେ, ଅଶିକ୍ଷିତ ଯୁଗରେ ତୁମେ ମୋ ଉପରେ ଏଥିପାଇଁ ବିଜୟ ଲାଭ କରିଥିଲ ଯେ, ତୁମମାନଙ୍କ ମଧ୍ୟରେ ଏକତା ରହିଥିଲା ଏବଂ ଆମମାନଙ୍କ ମଧ୍ୟରେ ଫାଟ ପଡ଼ି ରହିଥିଲା ଏବଂ ଆଉ ଏକ ବଡ଼ କାରଣଟି ଏହା ଥିଲା ଯେ, ତୁମେମାନେ ସୁସଙ୍ଘଂଟିତ ଓ ଶକ୍ତିଶାଳୀ ଥିଲ। କିନ୍ତୁ ଆମେମାନେ ପୃଥକ ପୃଥକ ହୋଇ ରହିଥିଲୁ। ହଜ୍ରତ୍ ଉମର୍ ର:ଅ ପୁନଶ୍ଚ ହର୍ମଜାନ୍‌କୁ ପ୍ରଶ୍ନ କଲେ ଯେ, ତୁମେ ବାରମ୍ବାର ପ୍ରତିଜ୍ଞାଭଙ୍ଗ କରି ଯୁଦ୍ଧ କରିଛ ଆଉ ବର୍ତମାନ ଆଳ କରୁଛ। ମୁସଲମାନମାନେ ପ୍ରତିଜ୍ଞା ଭଙ୍ଗ ଓ ବିଶ୍ୱାସ ଘାତକତା କରିବା ବ୍ୟକ୍ତି ସହିତ ହିଁ ଯୁଦ୍ଧ କରିଥାନ୍ତି କାରଣ ସେହି ସମସ୍ତ ବ୍ୟକ୍ତିମାନେ, ଯେଉଁମାନେ ଅଣମୁସଲମାନ ଥିଲେ, ସେମାନେ ପଡ଼ୋଶୀ ରୂପେ ରହିବାକୁ ଚାହୁଁନଥିଲେ। ହର୍ମଜାନ କହିଲା ମୁଁ ଆଶଙ୍କା କରୁଛି ଯେ ଆପଣ ମତେ ଏହା କହିବା ପୂର୍ବରୁ ବଦ୍ଧ ନ କରିଦିଅନ୍ତୁ। ହଜ୍ରତ୍ ଉମର୍ ର:ଅ କହିଲେ ଏଥିରେ ଭୟଭୀତ ହୁଅନାହିଁ। ଏଥିରେ ହର୍ମଜାନ୍ ପାଣି ମାଗିଲା ଏବେ ତା ପାଇଁ ପୁରୁଣା ପାତ୍ରରେ ପାଣି ଅଣାଗଲା। ହର୍ମଜାନ୍ କହିଲା ମୁଁ ଶୋଷିଲା ପଛେ ମରିଯିବି କିନ୍ତୁ ଏଭଳି ପାତ୍ରରେ ଜଳପାନ କରିବି ନାହିଁ। ସୁତରାଂ ଯେତେବେଳେ ତାହାକୁ ତାହାର ସମ୍ମାନ, ପ୍ରତିଷ୍ଠାକୁ ଦୃଷ୍ଟିରେ ରଖି ପାରମ୍ପାରିକ ରାଜକୀୟ ପାତ୍ରରେ ଜଳପାନ କରିବାପାଇଁ ଜଳ ଅଣାଗଲା ସେତେବେଳେ ତାହାର ହସ୍ତ ପ୍ରକମ୍ପିତ ହୋଇ ଉଠିଲା। ହର୍ମଜାନ କହିଲା ଯେ, ମୁଁ ଏହି ଆଶା କରୁଛି ଯେ, ଯେପର୍ଯ୍ୟନ୍ତ ମୁଁ ଜଳପାନ କରିବି ବା ଜଳପାନ କରିନାହିଁ ସେ ପର୍ଯ୍ୟନ୍ତ ମତେ ବଦ୍ଧ କରାଯିବ ନାହିଁ। ହଜ୍ରତ୍ ଉମର୍ ର:ଅ କହିଲେ, ଯେପର୍ଯ୍ୟନ୍ତ ତୁ ଜଳପାନ କରିନାହୁଁ ସେପର୍ଯ୍ୟନ୍ତ ତୋତେ କଦାପି ଓ କୌଣସି ବ୍ୟକ୍ତି କୌଣସି ପ୍ରକାର କ୍ଷତି ପହଂଚାଇବେ ନାହିଁ। ଏହା ଶୁଣି ସେ ଜଳପାତ୍ରକୁ ଭୂମି ଉପରେ ପକାଇ ଦେଲା ଓ ଅତ୍ୟନ୍ତ ଧୂର୍ତ ଓ ଚତୁରତାର ସହିତ ମନେ ମନେ ଏହା ଭାବିଲା ଯେ, ଯଦି ମୁଁ ପାଣି ପିଇବା ସର୍ତ ରଖିଛି ତାହେଲେ ମୁସଲମାନମାନେ ତ' ନିଜ ପ୍ରତିଜ୍ଞା ଭଙ୍ଗ କରିବେ ନାହିଁ। ତେଣୁ ସେ ଜଳପାତ୍ରକୁ ଭୂମିରେ ପକାଇ ଦେଉଥିଲା। ହଜ୍ରତ୍ ଉମର୍ ର:ଅ କହିଲେ, ତାକୁ ପୁନଃ ଜଳ ପିଇବାକୁ ଦିଆଯାଉ ଓ ତାକୁ କଦାପି ଶୋଷିଲା ବଦ୍ଧ କରନାହିଁ। ପ୍ରତିଜ୍ଞା ଭଙ୍ଗ କରିବା ଓ ବିଶ୍ୱାସଘାତକତା କରିବା ତଥା ମୁସଲମାନମାନଙ୍କ ସହିତ ଯୁଦ୍ଧ କରିବା ଯୋଗୁଁ ତାକୁ ଦଣ୍ଡ ମିଳିବାର ଥିଲା। ପରିଶେଷରେ ହର୍ମଜାନ୍ କହି ଉଠିଲା ମତେ ଶୋଷ ଲାଗୁନଥିଲା ବରଂ ମୁଁ ତ ଏହିପରି ଆଳ କରୁଥିଲି। ହର୍ମଜାନ୍ ର:ଅ ହଜ୍ରତ୍ ଉମର୍ ର:ଅଙ୍କ ସରଳତା ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହେଲା ଏବଂ ସେ ଅତ୍ୟନ୍ତ ଚାତୁର୍ଯ୍ୟପୂର୍ଣ୍ଣ ଉକ୍ତି ପରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିନେଲା ଏବଂ ମଦିନାରେ ହିଁ ବସତି ସ୍ଥାପନ କରିଥିଲା। ସୁତରାଂ ହଜ୍ରତ୍ ଉମର୍ ର:ଅ ତା' ପାଇଁ ଦୁଇ ହଜାର ମାସିକ ଭତା ମଧ୍ୟ ଧାର୍ଯ୍ୟ କରିଦେଲେ। ***(ସିରତ୍ ଅମୀରୁଲ୍ ମୁମିନିନ୍........ ପୃ-୪୨୨-୪୨୫...... ବେରୁତ ୨୦୦୭) (ଅଲ୍ ଅଖ୍‌ବାରୁଲ୍ ତିୱାଲ୍ ......... ପୃ-୧୮୮-୧୯୦, ବେରୁତ୍ ୨୦୦୧) (ଫୁତୁହୁଲ୍ ବୁଲ୍‌ଦାନ୍ ପୃ-୫୩୬..... ବେରୁତ ୧୯୮୭) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୩, ପୃ-୧୯, ଖଣ୍ଡ-୨, ପୃ-୩୪..... ବେରୁତ ୧୯୭୭)***

ଉକ୍‌ଦୁଲ୍ ଫରିଦ୍‌ରେ ଉଲ୍ଲେଖ ରହିଛି ଯେ, ଯେତେବେଳେ ହର୍ମଜାନ୍ ହଜ୍ରତ୍ ଉମର୍ ର:ଅଙ୍କ ନିକଟକୁ ବନ୍ଦି ହୋଇ ଆସିଲା ସେତେବେଳେ ଆପଣ ର:ଅ ତାକୁ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାପାଇଁ ଆମନ୍ତ୍ରିତ କରିଥିଲେ କିନ୍ତୁ ହର୍ମଜାନ୍ ଏହି ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲା। ଅତଏବ ହଜ୍ରତ୍ ଉମର୍ ର:ଅ ଆଦେଶ ଦେଲେ ଯେ, ହର୍ମଜାନ୍‌କୁ ବଦ୍ଧ କରିଦିଆଯାଉ। ଯେତେବେଳେ ତାହାକୁ ବଦ୍ଧ କରିବାକୁ ନିଆଗଲା ସେତେବେଳେ ସେ କହିଲା ହେ ଅମିରୁଲ୍ ମୁମିନିନ୍! ଆପଣ ର:ଅ ଦୟାକରି ମତେ ଟିକିଏ ଜଳପାନ କରିବାକୁ ଦିଅନ୍ତୁ। ଅତଏବ ହଜ୍ରତ୍ ଉମର୍ ର:ଅ ଆଦେଶ ଦେଲେ ଯେ, ହର୍ମଜାନକୁ ଜଳପାନ କରାଯାଉ। ଯେତେବେଳେ ଜଳପାତ୍ର ତା ହସ୍ତରେ ରଖାଗଲା ସେତେବେଳେ ସେ ହଜ୍ରତ୍ ଉମର୍ ର:ଅଙ୍କୁ କହିଲା ଯେପର୍ଯ୍ୟନ୍ତ ମୁଁ ଜଳପାନ କରୁଥିବି ସେ ପର୍ଯ୍ୟନ୍ତ ସୁରକ୍ଷିତ ରହିବି। ପ୍ରତ୍ୟୁତରରେ ହଜ୍ରତ୍ ଉମର୍ ର:ଅ କହିଲେ ହଁ। ଫଳତଃ ହର୍ମଜାନ୍ ଜଳପାତ୍ରରୁ ଜଳପାନ ନ କରି ତାହାକୁ ଫିଙ୍ଗି ଚାଲିଲା ଏବଂ କହିଲା ଆପଣ ପ୍ରଥମେ ନିଜର ପ୍ରତିଶ୍ରୃତି ଓ ପ୍ରତିଜ୍ଞା ପୂରଣ କରନ୍ତୁ। ହଜ୍ରତ୍ ଉମର୍ ର:ଅ କହିଲେ, ମୁଁ ତୁମକୁ ସମୟ ଦେଉଛି ଏବଂ ଦେଖୁଛି ତୁମେ ଏଭଳି କେତେ ସମୟ ପର୍ଯ୍ୟନ୍ତ କରୁଛ। ସୁତରାଂ ଯେତେବେଳେ ତା'ଠାରୁ ତରବାରୀ ଦୁରେଇ ନିଆଗଲା ସେତେବେଳେ ସେ କହିଲା **ଅଶ୍‌ହଦୁ ଅନ୍‌ଲା ଇଲାହା ଇଲ୍ଲଲ୍ଲାହୁ ୱହ୍‌ଦହୁ ଲା ଶରିକା ଲହୁ ୱ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ୱ ରସୁଲୁହୁ** ଅର୍ଥାତ ସେ କଲ୍‌ମାର ସାକ୍ଷ୍ୟ ଦେଇଥିଲା ଯେ ଅଲ୍ଲାଃ ତାଲାଙ୍କ ବ୍ୟତିତ କେହି ଉପାସ୍ୟ ନୁହନ୍ତି ଏବଂ ହଜ୍ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଅଲ୍ଲାଃଙ୍କ ଭକ୍ତ ଓ ରସୁଲ୍ ଅଟନ୍ତି। ହଜ୍ରତ୍ ଉମର୍ ର:ଅ ହର୍ମଜାନକୁ ପଚାରିଲେ ତୁ ପୂର୍ବେ କାହିଁକି ବିଶ୍ୱାସ ଆଣିଲୁ ନାହିଁ ଯେତେବେଳେ ମୁଁ ତତେ ଇସ୍‌ଲାମ୍ ପ୍ରତି ଡ଼ାକରା ଦେଲି? ପ୍ରତ୍ୟୁତରରେ ହର୍ମଜାନ୍ କହିଲା, ଯେ ହେ ଅମୀରୁଲ୍ ମୁମିନିନ୍! ମୁଁ ଭୟଭୀତ ଥିଲି ଯେ, ଲୋକମାନେ ମୋ ସମ୍ପର୍କରେ ଏପରି ନ କୁହନ୍ତୁ ଯେ, ମୁଁ ତରବାରୀ ଭୟରେ ବିଶ୍ୱାସ ଆଣିନେଇଛି ବୋଲି କାରଣ ମୋ ମୁଣ୍ଡ ଉପରେ ସେତବେଳେ ତରବାରୀ ରହିଥିଲା। ମୁଁ ତରବାରୀ ଭୟରେ ଇସ୍‌ଲାମ୍ ଧର୍ମ ଗ୍ରହଣ କରିବାକୁ ଚାହୁଁନଥିଲି। ଏହାପରେ ହଜ୍ରତ୍ ଉମର୍ ର:ଅ ହର୍ମଜାନ୍ ଠାରୁ ଇରାନ୍ ସେନା ବିପକ୍ଷରେ ସୈନ୍ୟ ଚାଳନା ପାଇଁ ପରାମର୍ଶ ଗ୍ରହଣ କରୁଥିଲେ ଏବଂ ତା'ଠାରୁ ପରାମର୍ଶ ଲୋଡୁଥିଲେ ଏବାଂ ସେହି କ୍ରମେ ସୈନ୍ୟ ଚାଳନା କରୁଥିଲେ। ***( ଅଲ୍‌ଇକଦୁଲ୍ ଫରିଦ୍, ଖଣ୍ଡ-୨, ପୃ-୧୪୪, ... ବେରୁତ ୧୯୯୯)*** ଏହାପରେ ହର୍ମଜାନ୍ ହଜ୍ରତ୍ ଉମର୍ ର:ଅଙ୍କ ପରାମର୍ଶଦାତା ପଦବୀରେ ନିଯୁକ୍ତ ହୋଇଥିଲେ।

ଏହା ମଧ୍ୟ ସନ୍ଦେହ କରାଯାଏ ଯେ, ହଜ୍ରତ୍ ଉମର୍ ର:ଅଙ୍କ ଶାହାଦତ୍‌ରେ ହୁର୍ମଜାନ୍‌ର ହାତ ଥିଲା। କିନ୍ତୁ ହଜ୍ରତ୍ ମୁସ୍‌ଲେହ ମଉଦ୍ ର:ଅ ଉକ୍ତ ସନ୍ଦେହକୁ ସଠିକ୍ ବୋଲି ମନେ କରିନଥିଲେ। ଅତଏବ ହଜ୍ରତ୍ ମୁସ୍‌ଲେହ୍ ମଉଦ୍ ର:ଅ କସ୍‌ସାସ୍ (ପ୍ରତିଶୋଧ) ଅନ୍ତର୍ଗତ ଆୟତର ବ୍ୟାଖ୍ୟା କରି କହନ୍ତି ଯେ, ରସୁଲେ୍ କରିମ୍ ସ:ଆ:ସଙ୍କ ନିକଟକୁ ଜଣେ ମୁସଲମାନ ଅଣାଗଲା ଯିଏ ଜଣେ ସନ୍ଧି କରିସାରିଥିବା ଅବିଶ୍ୱାସୀକାରୀଙ୍କୁ ଇସ୍‌ଲାମୀୟ ରାଜତ୍ୱର ନାଗରୀକ ହେବା ସତ୍ୱେ ମଧ୍ୟ ବଦ୍ଧ କରିଦେଇଥିଲା ଅର୍ଥାତ ଯାହା ସହିତ ଚୁକ୍ତି ହୋଇଥିଲା ତାହାକୁ ବଦ୍ଧ କରିଦେଇଥିଲା। ତେଣୁ ହଜୁର ସ:ଆ:ସ ଆଦେଶ ଦେଇଥିଲେ ଯେ ମୁଁ ଚୁକ୍ତି ପୂର୍ଣ୍ଣକାରୀ ତଥା ରକ୍ଷାକାରୀଙ୍କ ମଧ୍ୟରୁ ସର୍ବାଧିକ ଚୁକ୍ତି ରକ୍ଷାକାରୀ ତେଣୁ ଯିଏ ଚୁକ୍ତି ଭଙ୍ଗ କରୁଛି ତାହାକୁ ବଦ୍ଧ କରାଯାଉ ଏଣୁ ଏହାର ଶାସ୍ତି ସ୍ୱରୁପ ହଜୁର ସ:ଆ:ସ ସେହି ମୁସଲମାନ ବ୍ୟକ୍ତିକୁ ମଧ୍ୟ ମୃତ୍ୟୁଦଣ୍ଡ ଦେଇଥିଲେ ବା ନୀହତ କରିବାପାଇଁ ଆଦେଶ ଦେଇଥିଲେ। ଏହିପରି ତବ୍‌ରାନୀ ହଜ୍ରତ୍ ଅଲୀ ର:ଅଙ୍କ ସମ୍ପର୍କରେ ବର୍ଣ୍ଣନା କରିଛନ୍ତି ଯେ, ଜଣେ ମୁସଲମାନ, ଜଣେ ଜିମି (ଅର୍ଥାତ ଅନ୍ୟ ଦେଶର ବ୍ୟକ୍ତି ଓ ମୁସଲମାନ ଦେଶରେ ଶରଣ ନେଇଥିବା ଶରଣାର୍ଥୀ) ବ୍ୟକ୍ତିକୁ ବଦ୍ଧ କରିଦେଲେ ତେବେ ହଜୁର ସ:ଆ:ସ ଉକ୍ତ ମୁସଲମାନ ବ୍ୟକ୍ତିକୁ ମୃତ୍ୟୁଦଣ୍ଡ ପାଇଁ ଆଦେଶ ଦେଇଥିଲେ ଯେ, ସେ କାହିଁକି ଏପରି କଲେ। କିଛି ଲୋକ ଏହା କହିଥାନ୍ତି ଯେ ହଦୀସ୍‌ରେ ବର୍ଣ୍ଣିତ ରହିଛି **ଲା ୟୁକ୍‌ତଲୁ ମୁମିନୁନ୍ ବିକାଫିରିନ୍** ଅର୍ଥାତ କୌଣସି ବିଶ୍ୱାସକାରୀକୁ ଅବିଶ୍ୱାସୀକାରୀ ବଦଳରେ ନୀହତ ହେବନାହିଁ। କିନ୍ତୁ ସମ୍ପୁର୍ଣ୍ଣ ହଦିସ୍‌କୁ ଦେଖିବା ପରେ ଏହି ସମସ୍ୟାର ସମାଧାନ ହୋଇଯାଇଥାଏ। ହଦିସ୍‌ରେ ପ୍ରକୃତ ଶବ୍ଦ ଏପରି ରହିଛି **ଲା ୟୁକ୍‌ତଲୁ ମୁମିନୁନ୍ ବିକାଫିରିନ୍ ୱଲା ଜୁ ଅହ୍‌ଦିନ୍ ଫି ଅହ୍‌ଦିହି** ଉକ୍ତ ହଦୀସ୍‌ର ଦ୍ୱିତୀୟ ପଦ **ୱଲା ଜୁ ଅହ୍‌ଦିନ୍ ଫି ଅହ୍‌ଦିହି** ର ମୂଳ ସମସ୍ୟାକୁ ସମାଧାନ କରିଦେଇଥାଏ ଯେ ଯଦି ଏହାର ଅର୍ଥ ଏହା ହୁଏ କି ଅବିଶ୍ୱାସକାରୀ ବଦଳରେ ମୁସଲମାନ ବ୍ୟକ୍ତି ଯେପରି ନୀହତ ନ ହେଉ ତେବେ ଜୁ ଅହଦିନ୍‌ର ଏହି ଅର୍ଥ କରିବାକୁ ହେବ ଯେ, ୱଲାଜୁ ଅହ୍‌ଦିନ୍ ବିକାଫିରିନ୍ କୌଣସି ଚୁକ୍ତି ରକ୍ଷାକାରୀ ବ୍ୟକ୍ତିକୁ ମଧ୍ୟ ଅବିଶ୍ୱାସକାରୀ ବଦଳରେ ନୀହତ ନ କରାଯାଉ। କିନ୍ତୁ ଏହା କଦାପି ସ୍ୱୀକାର ଯୋଗ୍ୟ ନୁହେଁ ଅତଃ ଏଠାରେ ଅବିଶ୍ୱାସକାରୀରୁ ଯଥାର୍ଥ ମହାରିବେ କାଫିର୍ ଅର୍ଥାତ ପ୍ରତିପକ୍ଷ ଯୁଦ୍ଧ କରୁଥିବା ଅବିଶ୍ୱାସିକାରୀ ନା କି ସାଧାରଣ ଅବିଶ୍ୱାସୀକାରୀ ବ୍ୟକ୍ତି। ତତ୍‌ପଶ୍ଚାତ ହଜୁର ସ:ଆ:ସ କହିଲେ, ଜିମି ଅବିଶ୍ୱାସକାରୀ ତଥା ଯୁଦ୍ଧ କରୁଥିବା ଅବିଶ୍ୱାସକାରୀ ତା ବଦଳରେ ନୀହତ ହେବନାହିଁ।

ବର୍ତମାନ ଆମେମାନେ ସାହାବାମାନଙ୍କ ପନ୍ଥାକୁ ଅବଲମ୍ବନ କରୁ ତେବେ ତହିଁରୁ ଏହା ପ୍ରତିତ ହେଉଛି ଯେ ସାହାବାମାନେ ମଧ୍ୟ ଅଣମୁସଲମାନଙ୍କ ହତ୍ୟାକାରୀଙ୍କୁ ମୃତ୍ୟୁଦଣ୍ଡ ଦେଉଥିଲେ। ଅତଏବ ତବ୍‌ରୀରେ ଉମାଜ୍ ବିନ୍ ହୁର୍ମଜାନ୍ ନିଜ ପିତାଙ୍କ ବଦ୍ଧର ଘଟଣା ବର୍ଣ୍ଣନା କରି କୁହନ୍ତି। ହୁର୍ମଜାନ୍ ଜଣେ ଇରାନୀୟ ଅଧିପତି ଓ ଅଗ୍ନୀ ପୁଜକ ଥିଲେ। ସେ ଦ୍ୱିତୀୟ ଖଲିଫା ହଜ୍ରତ୍ ଉମର୍ ର:ଅଙ୍କ ହତ୍ୟା ଷଡ଼ଯନ୍ତ୍ର ରଚିଥିବା ବୋଲି ସନ୍ଦେହ କରାଯିବା ପରେ ଏହା ଉପରେ ଅନୁସନ୍ଧାନ ନ କରି ଉବୈଦୁଲ୍ଲାଃ ବିନ୍ ଉମର୍ ବିନ୍ ଉତେଜିତ ହୋଇ ତାହାକୁ ବଦ୍ଧ କରିଦେଲା। ଇରାନୀୟ ଲୋକମାନଙ୍କର ମଦିନା ଲୋକଙ୍କ ସହିତ ମିଳାମିଶା ତଥା ସଲାହ୍ ସୁତରା ରହିଛି ଯେପରି ନିୟମ ରହିଛି ଯେ, ଅନ୍ୟ ଦେଶରେ ଯାଇ ନାଗରିକତା ସ୍ୱଷ୍ଟ ହୋଇଯାଇଥାଏ। ଦିନେ ଫିରୋଜ୍ ନାମକ ହତ୍ୟାକାରୀ, ଯିଏ ହଜ୍ରତ୍ ଉମର୍ ର:ଅଙ୍କୁ ଶହୀଦ୍ କରିଥିଲା ସେ ମୋ ପିତାଙ୍କ ସହିତ ଭେଟ ହେଲା ଏବଂ ତା' ନିକଟରେ ଛୁରୀଟିଏ ଥିଲା ଏବଂ ଯାହାର ଉଭୟ ପାର୍ଶ୍ୱ ତୀକ୍ଷ୍ଣ ହୋଇଥିଲା। ମୋ ବାପା ସେହି ଛୁରୀଟିକୁ ଧରିନେଲେ ଏବଂ ତା'କୁ ପଚାରିଲେ ଯେ,

ଏହି ଦେଶରେ ତୁ ଉକ୍ତ ଛୁରୀ ସାହାଯ୍ୟରେ କି କାମ କରୁ ? ଅର୍ଥାତ ଏହି ଦେଶ ତ’ ଶାନ୍ତିର ଦେଶ, ଏହି ଦେଶରେ ଏଭଳି ଅସ୍ତ୍ରର (କ’ଣ ବା) ଆବଶ୍ୟକତା ଅଛି ? ସେ କହିଲା ଯେ, ମୁଁ ଉକ୍ତ ଛୁରୀ ସାହାଯ୍ୟରେ ଓଟ ଘଉଡ଼ାଇଥାଏ । ଯେତେବେଳେ ଏହି ଦୁହେଁ ପରସ୍ପର ସହିତ କଥାବାର୍ତା ହେଉଥିଲେ ସେତେବେଳେ କୌଣସି ଏକ ବ୍ୟକ୍ତି ସେମାନଙ୍କୁ ଏପରି କଥାବାର୍ତା କରୁଥିବାର ଦେଖିନେଲା ଏବଂ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ ଶହୀଦ୍ ହେଲେ ସେତେବେଳେ ସେ କହିଲା ଯେ, ମୁଁ ସ୍ୱୟଂ ଏହି ଛୁରୀଟିକୁ ହର୍ମଜାନ୍‌କୁ ଧରାଉଥିବାର ଦେଖିଥିଲି । ହୁର୍ମଜାନ୍‌ର ପୁତ୍ର କହିଲେ ହଜ୍‌ରତ୍ ଉବୈଦୁଲ୍ଲାଃ ଯିଏ କି ହଜ୍‌ରତ୍ ଉମର୍ ର:ଅଙ୍କ ସାନ ପୁତ୍ର ଥିଲେ, ସେ ମୋ ପିତାକୁ ବଦ୍ଧ କରିଦେଲା । ହଜ୍‌ରତ୍ ଉସ୍‌ମାନ୍ ର:ଅ ଯେତେବେଳେ ଖଲିଫା ହେଲେ ସେତେବେଳେ ସେ ହର୍ମଜାନ୍‌ର ପୁତ୍ରକୁ ଡ଼ାକିଲେ ଏବଂ ଉବୈଦୁଲ୍ଲାଃଙ୍କୁ ଧରି ତାଙ୍କୁ ହସ୍ତାନ୍ତର କରିଦେଲେ ଏବଂ କହିଲେ ଯେ, ହେ ମୋର ସୁପୁତ୍ର ! ଏ ହେଉଛି ତୁମ ପିତାଙ୍କର ହତ୍ୟାକାରୀ ଏବଂ ଏହା ଉପରେ ତୁମେ ଯାହା ବି ପଦକ୍ଷେପ ଗ୍ରହଣ କରିବାକୁ ଚାହୁଁଛ ତୁମକୁ ତାହାର ଅଧିକାର ରହିଛି ତେଣୁ ତୁମେ ତାହାକୁ କ୍ଷମା ଦିଅ ଅବା ବଦ୍ଧ କର । ସୁତରାଂ ମୁଁ ତାହାକୁ ଧରି ନେଲି ଏବଂ ସହରରୁ ବାହାରକୁ ନେଇ ଚାଲିଗଲି ବାଟରେ ଯେଉଁ ବ୍ୟକ୍ତି ବି ମତେ ଦେଖୁଥିଲା ସେ ମୋ ସପକ୍ଷରେ ହିଁ କହୁଥିଲା କିନ୍ତୁ କୌଣସି ବ୍ୟକ୍ତି ମୋ ସହିତ ମୁକାବିଲା କରୁନଥିଲା । ସେହି ବ୍ୟକ୍ତିମାନେ ମତେ କେବଳ ଏତିକି ନିବେଦନ କରୁଥିଲେ ଯେ, ମୁ ତାକୁ ଛାଡ଼ି ଦେବି ଅର୍ଥାତ କ୍ଷମା ଦେବି । ଅତଏବ ମୁଁ ସମସ୍ତ ମୁସଲମାନମାନଙ୍କୁ ସମ୍ବୋଧିତ କରି କହିଲି କ’ଣ ମୋ ବାପାଙ୍କ ହତ୍ୟାକାରୀକୁ ମାରିବା ପାଇଁ ମୋର ଅଧିକାର ନାହିଁ ? ସମସ୍ତେ ଗୋଟିଏ କଣ୍ଠରେ ଉତର ଦେଲେ ଯେ ହଁ ତୁମର ଏହି ଅଧିକାର ରହିଛି ତୁମେ ଚାହିଁଲେ ତାହାକୁ ହତ୍ୟା କରିପାରିବ । ପୁନଶ୍ଚ ଉବୈଦୁଲ୍ଲାଃ ଜିଜ୍ଞାସାବାଣୀ କଲେ ଯେ, ସେ ଏଭଳି ଜଘନ୍ୟ ଅପରାଧ କରିଦେଇଛନ୍ତି ଯେତେବେଳେ ଏହି ପ୍ରଶ୍ନତୋର ହୋଇଗଲା ଅର୍ଥାତ ସେ ସ୍ୱୀକାର କରିନେଲେ ଅର୍ଥାତ ଉବୈଦୁଲ୍ଲାଃ ସେ କଥା ମାନିନେଲେ ସେତେବେଳେ ସେ କହିଲେ ମୁଁ ଅଲ୍ଲାଃ ତାଲାଙ୍କ ଓ ତାହାଙ୍କ ଭକ୍ତମାନଙ୍କ ପାଇଁ ତୁମକୁ କ୍ଷମା ଦେଉଛି । ମୁସଲମାନମାନେ ଆନନ୍ଦ ଉଲ୍ଲାସରେ ମତେ ନିଜ କାନ୍ଧ ଉପରେ ଟେକିନେଲେ ସେହି ଆନନ୍ଦରେ ଅଲ୍ଲାଃ ତାଲାଙ୍କ ଶପଥରେ ମୁଁ ନିଜ ଘର ପର୍ଯ୍ୟନ୍ତ ପହଂଚିଲି ଅର୍ଥାତ ଲୋକମାନେ ମତେ କାନ୍ଧରେ ବସାଇ ନିଜ ଘର ପର୍ଯ୍ୟନ୍ତ ନେଇ ଆସିଲେ । ସେମାନେ ମତେ ଭୂମି ଉପରେ ପାଦ ରଖିବାକୁ ଦେଉନଥିଲେ । ଉକ୍ତ ବର୍ଣ୍ଣନାରୁ ଏହା ପ୍ରମାଣିତ ହେଲା ଯେ ସାହାବାମାନଙ୍କର ଏହି ନୀତି ରହିଥିଲା ଯେ, ସେମାନେ ଅଣମୁସଲମାନ ବ୍ୟକ୍ତିଙ୍କୁ ହତ୍ୟା କରିଥିବା ହତ୍ୟାକାରୀ ମୁସଲମାନ ବ୍ୟକ୍ତିକୁ ମଧ୍ୟ ମୃତ୍ୟୁ ଦଣ୍ଡ ଦେଉଥିଲେ । ଏହା ମଧ୍ୟ ପ୍ରମାଣିତ ହୁଏ ଯେ, ଜଣେ ଯେ କୌଣସି ଅସ୍ତ୍ର ଦ୍ୱାରା ନିହତ ହୋଇଥିଲେ ବି ତା’ର ହତ୍ୟାକାରୀକୁ ମୃତ୍ୟୁ ଦଣ୍ଡ ମିଳିବ । ସେହିପରି ଏହା ମଧ୍ୟ ପ୍ରମାଣିତ ହେଲା ଯେ, ହତ୍ୟାକାରୀଙ୍କୁ ଶାସ୍ତି ଦେବା ଏବ ଗିରଫ କରିବା ଏବଂ ତାହାକୁ ଦଣ୍ଡ ବିଧାନ କରିବା ପ୍ରଶାସନର ହିଁ ଦାୟିତ୍ୱ ଥିଲା । ଯେପରି ହତ୍ୟାକାରୀ ଏଠାରେ ମୁସଲମାନ ହୋଇଯାଇଥିଲା କିନ୍ତୁ ସେ ଯଦି ଅଣମୁସଲମାନ ବ୍ୟକ୍ତି ସହିତ ମଧ୍ୟ ଏହିପରି ବ୍ୟବହାର ପ୍ରଦର୍ଶନ କରିଥାନ୍ତା ତେବେ ମଧ୍ୟ ମୁସଲମାନ ହତ୍ୟାକାରୀ ସହିତ ସମାନ୍ ଆଚରଣ କରାଯାଇଥାନ୍ତା । ଅର୍ଥାତ ତାହାକୁ ସେହିପରି ଦଣ୍ଡିତ କରାଯାଇଥାନ୍ତା ଯେପରି କି ଜଣେ ଅଣମୁସଲମାନ ବ୍ୟକ୍ତିକୁ ଦଣ୍ଡିତ କରାଯାଇଥାଏ । ବିଶେଷ କରି ଚୁକ୍ତି ହୋଇଥିବା ସମୟରେ । ସେହିପରି ଏହା ମଧ୍ୟ ଏହା ମଧ୍ୟ ପ୍ରମାଣିତ ହୁଏ ଯେ, ହତ୍ୟାକାରୀଙ୍କ ଗିରଫକାରୀ ଓ ତାଙ୍କୁ ଶାସ୍ତି ପ୍ରଦାନ କାରୀ ସରକାରଙ୍କ ଉପରେ ନ୍ୟସ୍ତ । ପ୍ରତ୍ୟେକ ବ୍ୟକ୍ତି ଏହାର ଅଧିକାର ରଖିନଥାଏ ଅର୍ଥାତ ପ୍ରତ୍ୟେକ ବ୍ୟକ୍ତିକୁ ଦଣ୍ଡ ଦେବାର ଅଧିକାର ନାହିଁ । ସରକାର ହିଁ ସେଥି ପାଇଁ ମୁତୟନ । କାରଣ ଉକ୍ତ ବର୍ଣ୍ଣନାରୁ ଏହା ସ୍ପଷ୍ଟ ହେଲା ଯେ, ଉବୈଦୁଲ୍ଲାଃ ବିନ୍ ଉମ୍‌ରୋଙ୍କୁ ଗିରଫ କରି ମଧ୍ୟ ହଜ୍‌ରତ୍ ଉସ୍‌ମାନ୍ ର:ଅ ହିଁ ତାଙ୍କୁ ବନ୍ଧ କରିବାକୁ ଆଦେଶ ଦେଇଥିଲେ ଓ କ୍ଷମା କରିବାକୁ ହଜ୍‌ରତ୍ ହର୍ମଜାନଙ୍କ ସୁପୁତ୍ର ହାତରେ ଟେକି ଦେଇଥିଲେ ଏବଂ ତାଙ୍କୁ ଅଧିକାର ଦେଇଥିଲେ ଯେ, ତୁମେ ତାହାଙ୍କ ସହିତ ଯାହା ଆଚରଣ କରିବା କଥା କରିପାର । ହର୍ମଜାନ୍‌ର କୌଣସି ଉତରାଧିକାରୀ ମଧ୍ୟ ତା ଉପରେ ମୋକଦ୍ଦମା କରିନଥିଲେ ଓ ନା ତାଙ୍କୁ ଗିରଫ କରାଯାଇଥିଲା । ଏଠାରେ ଏହି ସନ୍ଦେହର ନିବାରଣ ହୋଇଗଲା । ଯେପରି ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅ କୁହନ୍ତି ହତ୍ୟାକାରୀକୁ ଶାସ୍ତି ଦେବାପାଇଁ ହତ୍ୟାକାରୀର ଉତରାଧିକାରୀକୁ ହସ୍ତାନ୍ତର କରିଦିଆଯାଇଥିଲା ବା କରିଦେବା ଉଚିତ । ଯେପରିକି ହଜ୍‌ରତ୍ ଉସ୍‌ମାନ୍ ର:ଅ କରିଥିଲେ । ଏଣୁ ଏହା ମନେ ରଖିବା ଉଚିତ ଯେ, ଏହି ପ୍ରସଙ୍ଗ ଏକ ଆଶିଙ୍କ ପ୍ରସଙ୍ଗ ତେଣୁ ଇସ୍‌ଲାମ୍ ଧର୍ମ ପ୍ରତ୍ୟେକ ଯୁଗରେ ଆବଶ୍ୟକତା ଅନୁଯାୟୀ ଆ ଉପରେ କାର୍ଯ୍ୟକାରୀ କରିବାପାଇଁ ଅଧିକାର ଦେଇଛି । ଜାତି ନିଜର ଐତିହ ସଂସ୍କୃତି ତଥା ପରମ୍ପରା ତଥା ପରିସ୍ଥିତି ଅନୁଯାୟୀ ଯେଉଁ ପନ୍ଥା ଅବଲମ୍ବନ କରିବ ତହିଁରେ କୌଣସି ସନ୍ଦେହର ଅବକାସ ନାହିଁ ବା ସେଥିରେ କୌଣସି ପ୍ରକାର ଆପତି କରିବାର ଅବକାଶ ନାହିଁ । ଏହି ଉଭୟ ପନ୍ଥା ହିଁ ବିଶେଷ ପରିସ୍ଥିତିରେ ଉପାଦେୟ ସାବ୍ୟସ୍ତ ହେବ । ହଜ୍‌ରତ୍ ଉମର୍ ର:ଅଙ୍କ ଆଲୋଚ୍ୟ ଜୀବନୀ ଚର୍ଚ୍ଚାଟି ବତର୍ମନା ଅବ୍ୟାହତ ରହିଛି । ଏହାର ଅବଶିଷ୍ଟାଂଶ ଇନ୍‌ଶାଅଲ୍ଲାଃତାଲା ଆଗାମୀ ଖୁତ୍‌ବାରେ ଆଲୋଚନା କରିବି ।

ବର୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି ଏବଂ ନମାଜ ଜୁମା ପରେ ଏହି ମୃତକମାନଙ୍କର ନମାଜ ଯନାଜାଃ ଗାଏବ ପଢ଼ାଇବି । ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ସମ୍ମାନନୀୟା ସ୍ୱର୍ଗତା ପ୍ରଫେସର ସୟେଦାଃ ନସିମ୍ ସଇଦ୍ ସାହେବା । ସ୍ୱର୍ଗତା ମୁହମ୍ମଦ ସଇଦ୍ ସାହେବଙ୍କ ପତ୍ନୀ ଥିଲେ ଏବଂ ଗବେଷକ ହଜ୍‌ରତ୍ ଅଲ୍‌ହାଜ୍ ହାଫିଜ୍ ଡ଼ାକ୍ତର ସୟେଦ୍ ଶଫିଉଦ୍ଦୀନ୍ ସାହେବଙ୍କର ସୁପୁତ୍ରୀ ଥିଲେ । ବିଗତ ଦିନରେ ୮୮ ବର୍ଷ ବୟସରେ ପାକିସ୍ତାନରେ ତାଙ୍କର ଦେହାନ୍ତ ଘଟିଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତାଙ୍କ ପିତା ହଜ୍‌ରତ୍ ଅଲ୍‌ହାଜ୍ ହାଫିଜ୍ ଡ଼ାକ୍ତର ସୟେଦ୍ ଶଫିଉଦ୍ଦୀନ୍ ସାହେବ ଦେହ୍‌ଲ୍‌ୱିର ଜଣେ ଗବେଷକ ଥିଲେ । ସେ ଅନେକ ପୁସ୍ତକର ରଚୟିତା ଜଣେ ଉତ୍କୃଷ୍ଟ ବକ୍ତା, ବାକପଟୁ ଗବେଷକ ତଥା ଜଣେ ଉଚ୍ଚମାନର ସାମ୍ବାଦିକ ମଧ୍ୟ ଥିଲେ । ଦିଲ୍ଲୀରେ ସେ ୧୬ଟି ସମ୍ବାଦପତ୍ର ପ୍ରକାଶିତ କରୁଥିଲେ । ହଜ୍‌ରତ୍ ଶଫିଉଦ୍ଦୀନ୍ ଅହେମଦ୍ ସାହେବ୍ ୧୨ ବୟସରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ବୟତ କରିଥିଲେ । ସେ ଉପମହାଦେଶର ପ୍ରଶିଦ୍ଧ ସୁଫି ଶାୟିର (କବି) ଏବଂ ବିଶିଷ୍ଟ ବ୍ୟକ୍ତି ଖ୍ୱାଜା ମୀର୍ ଦର୍ଦ ସାହେବଙ୍କ ବଂଶର ଥିଲେ ଏବଂ ଏହି ଦୃଷ୍ଟିକୋଣରୁ ହଜ୍‌ରତ୍ ମୀର୍ ମୁହମ୍ମଦ୍ ନାସିର୍ ନଓ୍ୱାବ୍ ସାହେବଙ୍କର ପ୍ରୀୟଜନଙ୍କ ମଧ୍ୟରୁ ଜଣେ ଥିଲେ । ହଜ୍‌ରତ୍ ଶଫଉଦ୍ଦୀନ୍ ସାହେବ ସମ୍ପର୍କରେ ହଜ୍‌ରତ୍ ଅମାଜାନ୍‌ଙ୍କର ଭଣଜାର ଥିଲେ । ୧୯୫୭ ମସିହାରେ ସମ୍ମାନନୀୟ ସଇଦ୍ ଅହେମଦ୍ ସାହେବ ସବ୍‌ଇଞ୍ଜିନିୟର ଲାହୋର ଛାଉଣୀଙ୍କ ସହିତ ସ୍ୱର୍ଗତା ପ୍ରଫେସର ସୟେଦାଃ ନସିମ୍ ସଇଦ୍ ସାହେବାଙ୍କର ବିବାହ ସମ୍ପର୍ଣ୍ଣ ହୋଇଥିଲା । ତାଙ୍କର ସୁପୁତ୍ରୀ ଖାଲିଦ୍ ସାହେବ ବର୍ଣ୍ଣନା କରନ୍ତି: ମୋ ଆଇମା ମୋ ଅଭିଭାବକମାନଙ୍କର ନିର୍ବନ୍ଧ କରିବା ସମ୍ବନ୍ଧରେ ଧର୍ମ ପରାୟଣତା ସର୍ତ ରଖିଥିଲେ । ସେ କେବଳ ଏତିକି ଦେଖିଥିଲେ ଯେ, ପୁତ୍ର କେବଳ ୨୨/୨୩ ବର୍ଷ ବୟସରେ ଏଭଳି କାଏଦ୍ ଅଛନ୍ତି ଯାହା ସମ୍ପର୍କରେ ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଦର୍ଶାଇଛନ୍ତି ଯେ ତହିଁରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ଯେ, ସେ ଜଣେ ଯମାତ୍‌ର କାଏଦ୍ ଓ ସେ ଯମାତ୍‌ର ପିଣ୍ଡରେ ପ୍ରାଣ ସଂଚାର କରିଦେଇଛନ୍ତି । ଅର୍ଥାତ ଅର୍ଦ୍ଧମୃତ୍ୟୁ ଅବସ୍ଥାରୁ ଯମାତ୍‌କୁ ଜୀବନ୍ତ କରିଦେଇଛନ୍ତି । ଏହା କେବଳ କାଏଦ୍ ମୁହମ୍ମଦ ଅହେମଦ୍ ସଇଦ୍ ଓ ତାଙ୍କର ଚାରି ପାଂଚଜଣ ସହାୟକଙ୍କ ଯୋଗୁଁ ସମ୍ଭବ ହେଲା । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ତାଙ୍କର ମାନବ ସେବାର ଚର୍ଚ୍ଚା କରି କୁହନ୍ତି ଯେ ଗତ ନଈବଢ଼ୀରେ କାଏଦ୍ ସାହେବ ଅସାଧାରଣ ସ୍ୱେଚ୍ଛାସେବୀ ଭାବରେ କାର୍ଯ୍ୟ କରିଥିଲେ । ବିଶେଷ କରି ଏହି ଦୃଷ୍ଟିକୋଣରୁ ସେ ପ୍ରଶଂସା ଯୋଗ୍ୟ । ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ନସିମ୍ ସଇଦ୍ ସାହିବାଙ୍କ ସ୍ୱାମୀଙ୍କର ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଏହି କଥାକୁ ଦୃଷ୍ଟିରେ ରଖି ନସିମ୍ ସଇଦ୍ ସାହେବାଙ୍କ ମାତାଶ୍ରୀ ନିଜ ଝିଅର ନିର୍ବନ୍ଧ କାଏଦ୍ ସାହେବଙ୍କ ସହିତ କରିଦେଇଥିଲେ । ନସିମ୍ ସଇଦ୍ ସାହେବାଙ୍କର ଚାରୋଟି ପୁତ୍ର ଓ ଦୁଇଜଣ କନ୍ୟା ସନ୍ତାନ ଅଛନ୍ତି । ତାଙ୍କର ଧର୍ମ ସେବାର ପରମ୍ପରା ୧୯୫୪ ମସିହାରୁ ଆରମ୍ଭ ହୋଇଥିଲା । ସେ ସୟଦା ଛୋଟି ଆପାଙ୍କ ସହିତ ଏହି କାର୍ଯ୍ୟ ଆରମ୍ଭ କରିଥିଲେ । ୨୦୧୫ ମସିହା ପର୍ଯ୍ୟନ୍ତ ପ୍ରାୟ ୬୧ ବର୍ଷ ପର୍ଯ୍ୟନ୍ତ ଏହି ସେବା ଅଭ୍ୟାହତ ରହିଥିଲା । ସଇଦ୍ ସାହେବ ସେନାରେ ଥିଲେ, ସେନାରେ କାର୍ଯ୍ୟରତ ଥିଲେ । ତାଙ୍କର ବଦଳି ଲାଗି ରହିଥିଲା ତେଣୁ ସେ ମଧ୍ୟ ତାଙ୍କ ସହିତ ବିଭିନ୍ନ ସହରକୁ ଚାଲିଯାଉଥିଲେ । ବଦଳି ହେବା ସମୟରେ ସେଠାରେ ବିଭିନ୍ନ ସହରରେ ତାଙ୍କୁ ସେବାର ସୁଯୋଗ ଅର୍ଥାତ ଯମାତ୍‌ର ସେବା କରିବାର ମଧ୍ୟ ସୁଯୋଗ ପ୍ରାପ୍ତ ହୋଇଥିଲା । ସେ ସ୍ୱୟମ ମଧ୍ୟ ଜଣେ ଉଚ୍ଚ ଶିକ୍ଷିତା ନାରୀ ଥିଲେ । ଜ୍ଞାନୀ ମହିଳା ଥିଲେ । ତାଙ୍କର ପ୍ରାୟ ୨୦ଟି ଲେଖନୀ ରହିଛି ଯହିଁରେ ଅବତାରମାନଙ୍କ ଗଳ୍ପ ସମ୍ପର୍କରେ ବର୍ଣ୍ଣନାମାନ ମଧ୍ୟ ଉଲ୍ଲେଖ ରହିଛି । ପୂର୍ବ ପୁରୁଷମାନଙ୍କ ସମ୍ପର୍କରେ ମଧ୍ୟ ପୁସ୍ତକରେ ଲେଖା ରହିଛି । ତାଙ୍କର ସୁପୁତ୍ରୀ ହାମିଦା ଗଫୁର୍ ମନାମନ୍ ସାହେବା କୁହନ୍ତି ଯେ ମୋର ମାତା ଉପାସନା ପ୍ରୀୟ, ନୈଷ୍ଠିକା, ବଳିଦାନକାରିଣୀ, ପ୍ରେମ ଓ ବିନିତ ସ୍ୱଭାବ ସନ୍ତାନବତ୍ସଳ ମହିଳା ତଥା ଆର୍ତ ଓ କୋହଭରା କଣ୍ଠରେ ପ୍ରାର୍ଥନା କରୁଥିବା ମହିଳା ଥିଲେ । ସେ ତହ୍‌ଜୁଦ୍ ନମାଜ ପଢ଼ିବା ପ୍ରତି, ଅନ୍ୟାନ୍ୟ ନମାଜ ପଢ଼ିବା ପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ ସାନି ର:ଅଙ୍କ ଠାରୁ ନେଇ ଏଯାବତ୍ ଚାରି ଖଲିଫା ପର୍ଯ୍ୟନ୍ତ ତାଙ୍କର ବ୍ୟକ୍ତିଗତ ସମ୍ପର୍କ ରହିଥିଲା । ଯମାତ୍‌ର ସେବା କରିବାକୁ ସେ ସର୍ବଦା ତତ୍ପର ରହୁଥିଲେ । ପ୍ରଭୁ ମଧ୍ୟ ସେଥିପାଇଁ ତାଙ୍କୁ ସାମର୍ଥ୍ୟ ପ୍ରଦାନ କରିଥିଲେ । ଏଠାରେ ତାଙ୍କ ସହିତ ମୋର ସାକ୍ଷାତ ତ ହୋଇନଥିଲା କିନ୍ତୁ ବାର୍ତାଳାପ ମାଧ୍ୟମରେ ନିଜର ଭାବାବେଗର ସେ ପରିପ୍ରକାଶ କରୁଥିଲେ ସର୍ବଦା । ତାଙ୍କର ସନ୍ତାନମାନେ ମଧ୍ୟ ଏହା ଉଲ୍ଲେଖ କରିଛନ୍ତି ଓ ମତେ ମଧ୍ୟ ତାଙ୍କ ନିଜର ପତ୍ର ହସ୍ତଗତ ହୋଇଛି ଓ ତାଙ୍କ ପତ୍ରରେ ଅସାଧାରଣ ଭାବବେଗର ପରିପ୍ରକାଶ ହେଉଥାଏ । ସେ କେବଳ ନିଜ କଥାରେ ସିମୀତ ରହୁନଥିଲେ ବରଂ ତାହାକୁ କାର୍ଯ୍ୟରେ ରୂପାନ୍ତର କରି ଦେଖାଉଥିଲେ ଯେ, ଖିଲାଫତ୍ ସହିତ ତାଙ୍କର କିଭଳି ନୈଷ୍ଠିକ ବିଶ୍ୱସ୍ତତାର ସମ୍ପର୍କ ରହିଥିଲା । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କ ସନ୍ତାନସନ୍ତତିଙ୍କୁ ଖିଲାଫତ୍ ସହିତ ସଂଶ୍ଳିଷ୍ଟ ରଖନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନିତ କରନ୍ତୁ ।

ସ୍ୱର୍ଗତାଙ୍କ ଜୈଷ୍ଠପୁତ୍ର ଖାଲିଦ୍ ସଇଦ୍ ସାହେବ କୁହନ୍ତି ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ପ୍ରସଙ୍ଗରେ ଆମ ମାତା ଆମମାନଙ୍କୁ ସର୍ବଦା ଉତ୍ସାହିତ କରୁଥିଲେ ଯେ, ଅଲ୍ଲାଃ ତାଲାଙ୍କୁ ନିଜର ବନ୍ଧୁ କରିନିଅ । ହଜୁର

ସ:ଆ:ସଙ୍କ ସହିତ ପ୍ରକୃତ ପ୍ରେମର ସମ୍ପର୍କ ସ୍ଥାପନ କର, ସେ ସ୍ୱମୟ ମଧ୍ୟ ଏପରି କଲେ ଏବଂ ପିଲାମାନଙ୍କୁ ମଧ୍ୟ ଏଥିପ୍ରତି ଅନୁପ୍ରାଣିତ କରୁଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ ତାଙ୍କର ନିବିଡ଼ ଆଧ୍ୟାତ୍ମିକ ସମ୍ପର୍କ ରହିଥିଲା ନିଜର ସନ୍ତାନମାନଙ୍କୁ ମଧ୍ୟ ଏହି ସମ୍ପର୍କ ସ୍ଥାପନ କରିବାପାଇଁ ଉତ୍ସାହିତ କରୁଥିଲେ । ପିଲାଟି ଦିନୁ ହିଁ ସ୍ୱର୍ଗତା ଆମମାନଙ୍କୁ ଇସ୍‌ଲାମୀୟ ନୀତି ନିୟମ ଉପରେ ନିୟମିତ ରୂପେ ଅନୁସରଣ ଓ କାର୍ଯ୍ୟକାରୀ କରିବା ପ୍ରତି ଆହ୍ୱାନ ଦେଉଥିଲେ । ବାଟରେ ଚାଲୁଥିବା ସମୟରେ ମଧ୍ୟ ସେ ସେବା କରୁଥିଲେ ଏବଂ କହୁଥିଲେ ଲୋକମାନଙ୍କ ସକାଶେ ସର୍ବଦା ସରଳତାର ମାର୍ଗ ବାଢ଼ିଦିଅ । ଆର୍ଥିକ ବଳିଦାନ ପ୍ରତି ତାଙ୍କର ବିଶେଷ ଧ୍ୟାନ ରହୁଥିଲା ସେ କହୁଥିଲେ ଆର୍ଥିକ ବଳିଦାନ କରିବା ପରେ ହିଁ ଘର ଖର୍ଚ୍ଚ ବହନ କର । ସେ ଦୈନିକ ପବିତ୍ର କୁର୍‌ଆନ୍ କରିମ୍‌ର ଆବୃତି କରୁଥିଲେ । ଆମମାନଙ୍କୁ ମଧ୍ୟ ତିଲାଓ୍ୱତ୍ କରିବାପାଇଁ ଅନୁପ୍ରାଣିତ କରୁଥିଲେ । ଦାଓ୍ୱତେ ଇଲ୍ଲଲ୍ଲାହ୍ ପ୍ରତି ସର୍ବଦା ବ୍ୟଗ୍ର ଓ ତତ୍ପର ରହୁଥିଲେ । ସମ୍ପର୍କୀୟଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରୁଥିଲେ ଓ ପ୍ରତ୍ୟେକ ଧନି ଦରିଦ୍ର ସହିତ ସେ ସମ୍ପର୍କ ରଖିଥିଲେ ଏବଂ ଆମମାନଙ୍କୁ ମଧ୍ୟ ଏହିପରି କରିବାକୁ ପ୍ରବତାଉ ଥିଲେ । ଜ୍ଞାନ ଅଭିବୃଦ୍ଧ କରିବାପାଇଁ ଆମମାନଙ୍କୁ ଉପାଦେୟ ଶିକ୍ଷା ମଧ୍ୟ ଦେଉଥିଲେ ଏବଂ କହୁଥିଲେ ଯେ, ସର୍ବଦା ସ୍ମିତହାସ୍ୟ ପ୍ରକାଶ କରୁଥାଅ କୌଣସି ବ୍ୟକ୍ତିର ଅମଙ୍ଗଳ ଓ ଅନିଷ୍ଟ କାମନା କରନାହିଁ । ସ୍ୱର୍ଗତାଙ୍କ ମଧ୍ୟରେ ଅତିଥ୍ୟତା ଭାବ ଅର୍ଥାତ ଅତିଥି ସତ୍କାର କରିବାର ଗୁଣ ଭରପୁର ରହିଥିଲା । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟାବଳୀଗୁଡ଼ିକ ଅଭ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ଜର୍ମାନୀର ଦାଉଦ୍ ସୁଲୈମାନ୍ ବଟ୍ ସାହେବଙ୍କର । ୪୬ ବର୍ଷ ବୟସରେ କର୍କଟ ରୋଗ ଯୋଗୁଁ ତାଙ୍କର ନିଧନ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କର ଜେଜେଙ୍କ ବାପା ହଜ୍‌ରତ୍ ଅବ୍‌ଦୁଲ୍ଲ ହକିମ୍ ବଟ ସାହେବଙ୍କ ମାଧ୍ୟମରେ ତାଙ୍କ ବଂଶରେ ଅହେମଦିୟତ୍ ପ୍ରବେଶ କରିଥିଲା । ତାଙ୍କ ଜେଜେ ହଜ୍‌ରତ୍ ମସିହ ମଉଦ୍ ଆ:ସଙ୍କ ସାହାବି ଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ବିଧବା ପତ୍ନୀଙ୍କ ବ୍ୟତିତ ଗୋଟିଏ ଝିଅ ଓ ଦୁଇଟି ପୁତ୍ର ଅଛନ୍ତି । ସ୍ୱର୍ଗତଙ୍କ ପତ୍ନୀ ସମୀରା ଦାଉଦ୍ ସାହେବା କୁହନ୍ତି ମୋ ସ୍ୱାମୀ ସର୍ବଦା ଯମାତ୍‌ର ସେବା କରିବା ପାଇଁ ତତ୍ପର ରହୁଥିଲେ । ସେ ସର୍ବଦା ଏହି ପ୍ରୟାସରେ ରହୁଥିଲେ ଯେ, କିପରି ଯମାତ୍‌ର ଅଧିକରୁ ଅଧିକ ସେବା ସମ୍ପାଦନ କରିବେ । ପ୍ରକୃତ ଅର୍ଥରେ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ଦେବାର ଜଣେ ଆଦର୍ଶ ବ୍ୟକ୍ତି ଥିଲେ । ସର୍ବଦା ତାଙ୍କ ମୂଖ ମଣ୍ଡଳରେ ପ୍ରସନ୍ନ ଭାବ ପରିଲକ୍ଷିତ ହେଉଥିଲା । ଦାନ ଦକ୍ଷିଣାରେ ଆଗକୁ ବଢ଼ିବା ପାଇଁ ସବୁବେଳେ ଅଂଟା ଭିଡୁଥିଲେ । ଏଠାରେ ଜର୍ମାନୀରେ ମଧ୍ୟ ହିଫାଜତେ ଖାସ୍ ଡ୍ୟୁଟିରେ ମୁତୟନ ଥିଲେ । ତାଙ୍କ ଦଳର ସଦସ୍ୟମାନେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ, ସ୍ୱର୍ଗତ ସୁଲୈମାନ୍ ବଟ୍ ସାହେବ ପ୍ରସନ୍ନଚିତର ଅଧିକାରୀ ଥିଲେ । ସମ୍ପୂର୍ଣ୍ଣ ଦାୟିତ୍ୱର ସହିତ ଡ୍ୟୁଟି ଦେଉଥିଲେ । ବିଶିଷ୍ଟ ଗୁଣାବଳୀର ଅଧିକାରୀ ଥିଲେ । ସର୍ବଦା ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ପବିତ୍ର କୁର୍‌ଆନ୍‌ର ଆବୃତି କରୁଥିଲେ । ମୁଁ ଏହା ମଧ୍ୟ ଅବଲୋକନ କରିଛି ଯେ, ସେ ସର୍ବଦା ବହୁତ ଖୁସିର ସହିତ ନିଜର ଡ୍ୟୁଟି ଦେଉଥିଲେ । ଅଲ୍ଲାଃ ତାଲା ମୃତକଙ୍କ ପରିଜନଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ତାଙ୍କର ପୂଣ୍ୟାବଳୀଗୁଡ଼ିକ ଅଭ୍ୟାହତ ରଖିବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ଜାହିଦ୍ ପରଓ୍ୱିନ୍ ସାହେବାଙ୍କର । ସେ ଗୁଲାମ୍ ମୁସ୍ତଫା ଆଓ୍ୱାନ୍ ସାହେବଙ୍କ ପତ୍ନୀ ଥିଲେ । ଯିଏକି ସିଆଲ୍‌କୋଟ୍ ଜିଲ୍ଲା ଅନ୍ତର୍ଗତ ଢପଇ ଅଂଚଳର ଅଧିବାସୀଙ୍କ ଥିଲେ । ୬୧ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କର ସୁପୁତ୍ରୀ ହିବତୁଲ୍ କଲିମ୍ ସାହେବା ଯିଏକି ବଶ୍‌କର୍ ତସ୍‌ତାନ୍ ରଷିଆରେ ମୃତୟନ ଥିବା ଆମ ମୁବଲିଗ୍ ସିଲ୍‌ସିଲା ସମ୍ମାନନୀୟ ଜମିଲ୍ ତବସ୍‌ସୁମ୍‌ଙ୍କ ପତ୍ନୀ ଅଟନ୍ତି । ସେ କୁହନ୍ତି ମୋର ସ୍ୱର୍ଗତା ମାତାଶ୍ରୀ ଅଲ୍ଲାଃ ତାଲାଙ୍କ କୃପାରୁ ଜନ୍ମଗତ ଅହେମଦୀ ଥିଲେ ଓ ଓ୍ୱସିୟତ୍ କରିଥିଲେ । ସ୍ୱର୍ଗତାଙ୍କ ବଂଶରେ ଅହେମଦୀୟତ ତାଙ୍କ ପିତାମହ ଦିଓ୍ୱାନ୍ ବଖ୍‌ଶ୍ ସାହେବଙ୍କ ମାଧ୍ୟମରେ ଆସିଥିଲା । ସେ କୁହନ୍ତି ଯେବେଠାରୁ ମୋତେ ଜ୍ଞାନ ଆସିଲାଣି ସେବେଠୁ ମୁଁ ତାଙ୍କୁ କେବେ ହେଲେ ନମାଜ ତହ୍‌ଜୁଦ୍ ଛାଡ଼ିଥିବାର ଦେଖିନାହିଁ । ସନ୍ତାନମାନଙ୍କୁ ମଧ୍ୟ ସର୍ବଦା ଏହି କଥା ପାଇଁ ଅନୁପ୍ରାଣିତ କରୁଥିଲେ । ଯମାତ୍ ଓ ଖିଲାଫତେ ଅହେମଦିୟା ସହିତ ତାଙ୍କର ଭାବପୂର୍ଣ୍ଣ ସମ୍ପର୍କ ରହିଥିଲା । ମୃତକାଙ୍କ ପରିଜନଙ୍କ ମଧ୍ୟରେ ଗୋଟିଏ ପୁତ୍ର ଓ ଚାରିଜଣ କନ୍ୟା ସନ୍ତାନ ରହିଛନ୍ତି । ତିନି ଜ୍ୱାଇଁ ଓ୍ୱକ୍‌ଫେ ଜିନ୍ଦଗୀ ଅଟନ୍ତି । ଦୁଇଜଣ ଝିଅ ମୁବଲିଗ୍‌ଙ୍କ ସହିତ ବିବାହ ହୋଇଛନ୍ତି । ନିଜ ସ୍ୱାମୀଙ୍କ ସହିତ ସେମାନେ ଦେଶ ବାହାରେ ରହୁଥିବା ଯୋଗୁଁ ତାଙ୍କ ନିଜ ମାଆଙ୍କ ଅନ୍ତେଷ୍ଟିକ୍ରିୟାରେ ସେମାନେ ଯୋଗ ଦେଇପାରିନାହାନ୍ତି । ଅଲ୍ଲାଃ ତାଲାଙ୍କ ତାଙ୍କ ପ୍ରତି ସଦୟ ହୁଅନ୍ତୁ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟାବଳୀଗୁଡ଼ିକ ଅଭ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ଲଣ୍ଡନର ସମ୍ମାନନୀୟ ରାନା ଅବ୍‌ଦୁଲ୍ ଓହିଦ୍ ସାହେବଙ୍କର । ସେ ଅବ୍‌ଦୁଲ୍ ହଇ ସାହେବ ତହ୍‌ସିଲ୍ ଜଡ଼ାନଓ୍ୱାଲା, ଜିଲ୍ଲା-ଫୈସ୍‌ଲାବାଦ୍‌ଙ୍କର ସୁପୁତ୍ର ଥିଲେ । ଗତ ଜୁନ୍ ମାସ ୨୬ ତାରିଖ ଦିନ ତାଙ୍କର ହୃଦଘାତ ଯୋଗୁଁ ଦେହାନ୍ତ ଘଟିଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ଅଲ୍ଲାଃ ତାଲାଙ୍କ କୃପାରୁ ସେ ଓ୍ୱସିୟତ କରିଥିଲେ ଅନ୍‌ସାରୁଲ୍ଲାଃ କାର୍ଯ୍ୟାଳୟରେ ଅତ୍ୟନ୍ତ କଠିନ ପରିଶ୍ରମର ସହିତ କାର୍ଯ୍ୟ କରୁଥିଲେ । ଏହା ବ୍ୟତିତ ଜିୟାଫତ୍ (ଅତିଥି ସତ୍କାର ବିଭାଗର) ସେକ୍ରେଟାରୀ, ସେକ୍ରେଟାରୀ ମାଲ୍ ମସ୍‌ଜିଦ୍ ଫଜଲ୍‌ର ସେକ୍ରେଟାରୀ ମାଲ୍ ଏବଂ ସେକ୍ରେଟାରୀ ଜିୟାଫଦ୍ ଭାବରେ ଦାୟିତ୍ୱ ନିର୍ବାହ କରି ଆସୁଥିଲେ । ଅତ୍ୟନ୍ତ ପରିଶ୍ରମି କର୍ମଚାରୀ ଥିଲେ ଓ ଆନନ୍ଦ ସହକାରେ ନିଜ ଦାୟିତ୍ୱ ସମ୍ପାଦନ କରୁଥିଲେ । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟାବଳୀଗୁଡ଼ିକ ଅଭ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତ୍ତୀ ଯନାଜାଃ ହେଉଛି ଅଲ୍‌ହାଜ୍ ମୀର୍ ମୁହମ୍ମଦ ଅଲୀ ସାହେବଙ୍କର । ସେ ଜମାଅତେ ଅହେମଦିୟା ବାଂଲାଦେଶର ପୂର୍ବତନ ଅମୀର ଥିଲେ । ୮୪ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ସ୍ୱର୍ଗତ ମୁହମ୍ମଦ ସାହେବ ସ୍ଥାନୀୟ ନ୍ୟାସନାଲ୍ ଯମାତ୍‌ରେ ଅନେକ ପଦରେ ଅଧିଷ୍ଠିତ ଥିଲେ । ୧୯୯୭ ମସିହାରୁ ୨୦୦୩ ପର୍ଯ୍ୟନ୍ତ ବାଲାଂଦେଶର ଜାତିୟ ଅମୀର ଭାବରେ ଦାୟିତ୍ୱ ତୁଲାଇ ଆସିଥିଲେ । ପୁନଶ୍ଚ ରିସ୍ତାନାତା ବିଭାଗର ସେକ୍ରେଟାରୀ ଓ ସେକ୍ରେଟାରୀ ତବ୍‌ଲିଗ୍‌ରେ ଦାୟିତ୍ୱ ନିର୍ବାହ କରିଥିଲେ । ୨୦୧୩ ମସିହାରୁ ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଢ଼ାକାର ଅମୀର ଯମାତ୍ ଭାବରେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କ ସମୟରେ ଯମାତ୍ ଅହେମଦିୟା ବାଲାଂଦେଶର ବେଶ୍ ଉନ୍ନତୀ ଲାଭ କରିଥିଲା । ବିଶେଷ କରି ଯମାତ୍‌ର ସମ୍ପତି ଓ ନିର୍ମାଣ କାର୍ଯ୍ୟରେ ବହୁତ ଉନ୍ନତି ସାଧନ ହୋଇଥିଲା । ସେ କେନ୍ଦ୍ରୀୟ ମିଶନ୍ ହାଉସ୍ ମଧ୍ୟ ନିର୍ମାଣ କରିଥିଲେ ଓ ମସ୍‌ଜିଦ୍ ଆଦି ମଧ୍ୟ ନିର୍ମାଣ କରିଥିଲେ । ଅତ୍ୟନ୍ତ ନୈଷ୍ଠିକ, ଧାର୍ମିକ, ତହ୍‌ଜୁଦ୍ ପାଠକାରୀ, ସହାନୁଭୂତି ପୂର୍ଣ୍ଣ ତଥା ଦୁଆ କାରୀ ଓ ଦରିଦ୍ର ମାନଙ୍କୁ ସାହାଯ୍ୟ ଓ ଆର୍ଥିକ ବଳିଦାନ କରୁଥିବା ବ୍ୟକ୍ତି ବିଶେଷ ଥିଲେ । ସର୍ବଦା ଅର୍ଥ ଦାନରେ ଆଗକୁ ବଢ଼ି ଅଂଶଗ୍ରହଣ କରୁଥିଲେ । ସେହିପରି ସେ ଅନେକ ସୁଗୁଣାବଳୀର ଅଧିକାରୀ ମଧ୍ୟ ଥିଲେ । ଖିଲାଫତ୍‌ର ପାଗଳପ୍ରେମୀ ଥିଲେ । ଜଣେ ସକ୍ରିୟ ସେବକ ଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ଦୁଇଟି ପୁତ୍ର ଓ ଗୋଟିଏ କନ୍ୟା ରହିଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ । ତାଙ୍କ ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କ ପୂଣ୍ୟାବଳୀଗୁଡ଼ିକ ଅଭ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଯେପରିକି ମୁଁ କହିଲି ଯେ ଏ ସମସ୍ତଙ୍କର ନମାଜ ଯନାଜାଃ ଗାଏବ ମୁଁ ନମାଜ ଜୁମା ପରେ ପାଠ କରାଇବି ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଦଫ୍‌ତରକୁ ଆସିଲେ । ଜର୍ମାନୀର ଗୋଟିଏ ପ୍ରଶିଦ୍ଧ ଖବର କାଗଜ ''DIE ZEIT News Paper'' ର ଅନ୍‌ଲାଇନ୍ ଏଡ଼ିଶନ୍‌ର ପତ୍ରକାର ତାହେର୍ ଚୌଧୁରୀ ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କ Interview ନେବା ପାଇଁ ଆସିଥିଲେ ।

ତାହେର୍ ଚୌଧୁରୀ ସାହେବ ହେଉଛନ୍ତି ଜଣେ ଅହେମଦୀ ଯୁବକ ଏବଂ ୟୁନିଭର୍ସିଟିରେ ଜର୍ନାଲିଜିମ୍ ଶିକ୍ଷା ଆହାରୋଣ କରୁଛନ୍ତି ଏବଂ ''DIE ZEIT News Paper'' ରେ କାମ କରୁଛନ୍ତି । ସେ ଅନେକ ରାଜନେତା, କ୍ରୀଡ଼ାବିତ୍ ଏବଂ ସାମାଜିକ ବିଶେଷଜ୍ଞଙ୍କ Interview ନେଇସାରିଛନ୍ତି ।

''DIE ZEIT News Paper'' ହେଉଛି ଗୋଟିଏ ସାପ୍ତାହିକ ଖବରକାଗଜ ଏହା ୧୯୪୬ ମସିହା ଠାରୁ ପ୍ରତ୍ୟେକ ଗୁରୁବାର ପ୍ରକାଶ ପାଉଅଛି । ପୂର୍ବତନ ଚ୍ୟାନ୍‌ସେଲର୍ ଶିମଟ ଏହି ଖବରକାଗଜର ପ୍ରକାଶକ ଅଟନ୍ତି । ଏବଂ ଜଣେ ଇଟାଲୀୟ ପତ୍ରକାର ଏହାର ମୂଖ୍ୟ ଏଡ଼ିଟର ଅଛନ୍ତି । ଏହି ଖବର କାଗଜଟି ହାରାହାରି ପାଂଚଲକ୍ଷ ସଂଖ୍ୟାରେ ବିକ୍ରୀ ହୋଇଥାଏ ଓ ଏହାକୁ ପଢୁଥିବା ଲୋକମାନଙ୍କର ସଂଖ୍ୟା ହେଉଛି । ଦେଢ଼ଲକ୍ଷ ମିଲିୟନ୍ ଏବଂ ଏହାର ଅନ୍‌ଲାଇନ୍ ଏଡ଼ିଶନ୍‌କୁ ଇଂଟରନେଟ୍ ଯୋଗେ ଦେଖୁଥିବା ଲୋକଙ୍କ ସଂଖ୍ୟା ପ୍ରାୟ ପାଂଚ ମିଲିୟନ୍ ।

**ଜର୍ନାଲିଷ୍ଟ ତାହେର୍ ଅହେମଦ୍ ସାହେବ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ପ୍ରଥମ ପ୍ରଶ୍ନ ରଖିଲେ ଯେ, ଆଜିକାଲି ଇସ୍‌ଲାମ୍‌ର ଯେଉଁ ଅବସ୍ଥା ରହିଛି ସେ ସମ୍ବନ୍ଧରେ ଆପଣଙ୍କର କ'ଣ ରାୟ ରହିଛି ଏବଂ ଇସ୍‌ଲାମ୍‌ର ଅବନତୀର ମୂଳ କାରଣ ଗୁଡ଼ିକ କ'ଣ ?**

ଏହି ପ୍ରଶ୍ନର ଉତର ଦେଇ ହଜୁର ଅନଓ୍ୱର ଅ:ବ:ଅ କହିଲେ:

ଇସ୍‌ଲାମ୍‌ର ଅବନତୀର ମୂଳକାରଣ ଗୁଡ଼ିକୁ ଜାଣିବାକୁ ହେଲେ ଆମକୁ ଇସ୍‌ଲାମ୍‌ର ସେହି ପ୍ରାରମ୍ଭିକ ଯୁଗକୁ ଯିବାକୁ ପଡ଼ିବ । ଯେତେବେଳେ ଇସ୍‌ଲାମ୍ ଆରମ୍ଭ ହୋଇଥିଲା ଏବଂ ଯେତେବେଳେ ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ଆବିର୍ଭାବ ହୋଇ ଗୋଟିଏ ଭ୍ରଷ୍ଟ ହୋଇଯାଇଥିବା ଜାତିକୁ ଠିକ୍ କଲେ ଓ ସେମାନଙ୍କୁ ମଣିଷ ବନାଇଲେ । ଯେମିତି କି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ, ସେହି ଲୋକମାନଙ୍କୁ ପଶୁରୁ ମଣିଷ ବନାଇଲେ, ପୁଣି ଶିକ୍ଷିତ ମଣିଷ ବନାଇଲେ ପୁଣି ଆଧ୍ୟାତ୍ମିକ ଈଶ୍ୱର ଭକ୍ତ ମଣିଷ ବନାଇଲେ ଫଳତଃ ସେମାନେ ଈଶ୍ୱରଙ୍କୁ ଚିହ୍ନିବାକୁ ଲାଗିଗଲେ । ଯେତେବେଳେ ଏହିଭଳି ତାଙ୍କର ଅବସ୍ଥା ହୋଇଗଲା ଏବଂ ତାଙ୍କର ଏପରି ପରିବର୍ତନ ହୋଇଗଲା ସେତେବେଳେ ମହାଭାଗ ସ:ଆ:ସ ଏ ଭବିଷ୍ୟବାଣୀ କରିଲେ ଯେ, ଏମିତି ଗୋଟିଏ ଯୁଗ ଆସିବାକୁ ଅଛି ଯେତେବେଳେ ଏହି ଲୋକମାନେ ଯେଉଁମାନେ ବହୁତ

ଉଚ୍ଚଶିକ୍ଷିତ, ସେମାନଙ୍କର ଅବସ୍ଥା ପୂର୍ନବାର ସେହି ପୂର୍ବଭଳି ହୋଇଯିବ ବରଂ ତା'ଠାରୁ ମଧ୍ୟ ଖରାପ ପରିସ୍ଥିତି ହୋଇଯିବ । ଯେଉଁଠି ଇସ୍‌ଲାମୀୟ ଶିକ୍ଷାର ପ୍ରଶ୍ନ ଉଠୁଛି ସେଠି ପବିତ୍ର କୁର୍‌ଆନ୍‌ରେ ଖୋଲାଖୋଲି ଭାବେ ଏହି ଶିକ୍ଷାର ବର୍ଣ୍ଣନା ଅଛି କିନ୍ତୁ ଏହାକୁ ବୁଝାଉଥିବା ଲୋକ, ଏହାକୁ ବତାଉଥିବା ଯେଉଁ ଓ୍ୱଲେମାମାନେ ଅଛନ୍ତି ସେମାନଙ୍କର ଚରିତ୍ର ନଷ୍ଟ ହୋଇଯିବ ଏବଂ ଯେତେବେଳେ ଏହି ଭଳି ଯୁଗ ଆସିବ ସେତେବେଳେ ଏପରି ଜଣେ ବ୍ୟକ୍ତି ବିଶେଷ ଆସିବେ ଯିଏ ପୁଣି ଇସ୍‌ଲାମ୍‌କୁ ପୂର୍ନବାର ଏ ସଂସାରରେ ପ୍ରତିଷ୍ଠା କରିବେ, ବିଶ୍ୱାସକୁ ଏ ସଂସାରରେ ସ୍ଥାପନ କରିବେ । ଯଦି ବିଶ୍ୱାସ ଆକାଶର ସୁରେୟା ନକ୍ଷତ୍ର ପର୍ଯ୍ୟନ୍ତ ପହଂଚି ଯାଇଥିବ (ଅର୍ଥାତ ବିଶ୍ୱାସ ଶେଷ ହୋଇଯାଇଥିବ) ସେହି ବ୍ୟକ୍ତି ବିଶେଷ ସେଠାରୁ ବିଶ୍ୱାସକୁ ଏ ଭୂପୃଷ୍ଠକୁ ଟାଣି ଆଣିବେ ।

ତେବେ ଆଜି ମୁସଲମାନମାନଙ୍କର ଯେଉଁ ଦୟନୀୟ ପରିସ୍ଥିତି ହୋଇଅଛି ତାହା ମହାଭାଗ ସ:ଆ:ସଙ୍କ ସେହି ଭବିଷ୍ୟବାଣୀ ମୁତାବକ ହୋଇଅଛି । ଏହାର ଉପଚାର ମଧ୍ୟ ମହାଭାଗ ସ:ଆ:ସ ବତାଇ ଦେଇଥିଲେ ଯେ, ଏମିତି ସମୟ ଆସିବ ଯେତେବେଳେ ମୁସଲମାନମାନଙ୍କର ଏଭଳି ଅବସ୍ଥା ହେବ ସେତେବେଳେ ମୁସଲମାନମାନଙ୍କୁ ପୁଣି ସୁଧାରିବା ପାଇଁ, ସେମାନଙ୍କ ମାର୍ଗଦର୍ଶନ ନିମନ୍ତେ ଇମାମ୍ ମେହେଦୀ ଆସିବେ । ତେଣୁ ତାଙ୍କୁ ମାନି ନେବ ଓ ତାଙ୍କୁ ମୋର ସଲାମ୍ ପହଂଚାଇବ । ତାଙ୍କୁ ଗ୍ରହଣ କରି ତୁମମାନଙ୍କର ଅବସ୍ଥା ସୁଧୁରି ଯିବ ଅନ୍ୟଥା ତୁମର ଅବସ୍ଥା ଦିନକୁ ଦିନ ଖରାପ ହେବ । ସେମାନଙ୍କର ଅବସ୍ଥା ଖରାପ ହେବା ବିଷୟରେ ମହାଭାଗ ସ:ଆ:ସ ଏକଥା କହିଥିଲେ: ''ମୋ ସମ୍ପ୍ରଦାୟରେ ମଧ୍ୟ ଏଭଳି ଅବସ୍ଥା ଆସିବ ଯେଉଁଭଳି ଅବସ୍ଥା ବନୀ ଇସ୍ରାଇଲ୍‌ଙ୍କ ଉପରେ ଆସିଥିଲା । ସେମାନଙ୍କ ସହିତ ମୋ ସମ୍ପ୍ରଦାୟର ଲୋକମାନଙ୍କର ସମାନତା ଏମିତି ହୋଇଯିବ ଯେମିତି ପାଦରେ ପିନ୍ଧା ଯାଉଥିବା ଗୋଟିଏ ପାଦର ଜୋତା ଅନ୍ୟ ପାଦର ଜୋତା ସହିତ ସମାନ ହୋଇଯାଇଥାଏ । ଏଭଳି ଅବସ୍ଥା ହୋଇଯିବ ଯେ ଯଦି ସେମାନଙ୍କର (ବନୀ ଇସ୍ରାଇଲ୍ ର) କୌଣସି ବ୍ୟକ୍ତି ନିଜ ମାଆ ସହିତ ଅସଦାଚାରଣ କରିଥିବ ତାହେଲେ ମୋ ସମ୍ପ୍ରଦାୟରେ ମଧ୍ୟ ସେହିଭଳି କୁକର୍ମ କରୁଥିବା ଅଭାଗା ସୃଷ୍ଟି ହୋଇଯିବେ ।'' ଏଥିରୁ ଅନୁମାନ କରିନିଅନ୍ତୁ ଯେ, ଚାରିତ୍ରିକ ଦୃଷ୍ଟିକୋଣରୁ ମଧ୍ୟ, ଧାର୍ମିକ ଦୃଷ୍ଟିକୋଣରୁ ମଧ୍ୟ ଏମାନଙ୍କର ଅବସ୍ଥା ଏତେମାତ୍ରାରେ ବିଗିଡ଼ି ଯିବ ଯେ, ଯାହାର କୌଣସି ସୀମା ନଥିବ ।

ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ବର୍ତ୍ତମାନ ସମୟରେ ଯାହାଙ୍କୁ ଆସିବାର ଥିଲା ଯଦି ତାଙ୍କୁ ମାନିନେବ ତାହେଲେ ବଂଚିଯିବ । ଆଜି ଆମେ ଏହା ହିଁ ଅବଲୋକନ କରୁଅଛୁ । ପ୍ରତ୍ୟେକ ଫିର୍କା ଯଦି ଚରମପନ୍ଥୀ ବା ସନ୍ତ୍ରାସବାଦର ଶିକ୍ଷା ନ ଦେଉଛି ତାହେଲେ ସେ ନିଜର କର୍ମ ଦ୍ୱାରା ମଧ୍ୟ ସନ୍ତ୍ରାସବାଦୀଙ୍କର ସମର୍ଥନ କରୁଅଛି କେବଳ ଅହେମଦିୟାକୁ ଛାଡ଼ିଦେଲେ । ଅର୍ଥାତ ଯମାତ୍ ଅହେମଦିୟା ଏଭଳି କାର୍ଯ୍ୟକଳାପ କରେନାହିଁ । ଆମ ଉପରେ ଯେତେବେଳେ ଅତ୍ୟାଚାର ହେଉଛି ଆମେ ତାହାକୁ ସହି ନେଉଛୁ ଏବଂ ଏହି ଅତ୍ୟାଚାରର ପ୍ରତିବଦଳରେ ଆମେ ଧୈର୍ଯ୍ୟ ଦେଖାଇଥାଉଁ ଓ ଦୁଆ ଦେଇଥାଉଁ ଏବଂ ସାହାସର ସହିତ ଏହାକୁ ସମ୍ମୁଖିନ କରିଥାଉଁ । ଅତଏବ ମୁସଲମାନମାନଙ୍କର ଏପରି ଅବସ୍ଥା ଆଁ ହଜ୍‌ରତ୍ ସ:ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ବିଗିଡ଼ି ଯାଇଛି ଓ ସେହି ଭବିଷ୍ୟବାଣୀ ମୁତାବକୁ ଯାହାଙ୍କୁ ଆସିବାର ଥିଲା ସେ ଆସିଯାଇଛନ୍ତି । ସେ ଆସି ଏ ସଂସାର ବାସୀଙ୍କୁ ବତାଇ ଦେଲେ ଯେ, ପ୍ରକୃତ ଇସ୍‌ଲାମ୍ କ'ଣ । ଯେ ପର୍ଯ୍ୟନ୍ତ ତାଙ୍କ କଥାକୁ ନ ମାନିଛନ୍ତି ଏମାନେ ବିଗିଡ଼ି ଚାଲିବେ । ଏ କଥା ମୁଁ ପ୍ରତ୍ୟେକ ସ୍ଥାନରେ ନିଜର ଇଂଟରଭ୍ୟୁ ଗୁଡ଼ିକରେ ଦେଇସାରିଛି ଏବଂ ମୁଁ ମୋ ବକ୍ତବ୍ୟରେ ମଧ୍ୟ ବତାଇ ସାରିଛି । ଆମେରୀକାରେ ମଧ୍ୟ, ଆୟାରଲ୍ୟାଣ୍ଡରେ ମଧ୍ୟ ଏବଂ ୟୁକେରେ ମଧ୍ୟ ଏକଥା କହିସାରିଛି । ମୋର ସେମାନଙ୍କ ପାଇଁ ଏ ବାର୍ତା ରହିଛି ଯେ, ଏହି ମୁସଲମାନମାନେ ଦିନକୁ ଦିନ ବିଗିଡ଼ି ଚାଲିବେ । ଏବଂ ସେପର୍ଯ୍ୟନ୍ତ ସେମାନଙ୍କର ଅବସ୍ଥା ଏହିଭଳି ବିଗିଡ଼ି ଚାଲିବ ଯେପର୍ଯ୍ୟନ୍ତ ଏମାନେ ଈଶ୍ୱରଙ୍କ ତରଫରୁ ଆସିଥିବା ସୁଧାରକଙ୍କୁ ନ ମାନିଛନ୍ତି ।

**ଜର୍ନାଲିଷ୍ଟ ଜଣକ ପଚାରିଲେ ଯେ, ଆପଣଙ୍କ ମତରେ ଇସ୍‌ଲାମ୍ ସମ୍ବନ୍ଧରେ ଲୋକମାନଙ୍କ ମନରେ ସବୁଠାରୁ ବଡ଼ ଭୁଲ ବୁଝାମଣା କ'ଣ ରହିଛି ?**

ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆପଣ ହେଉଛନ୍ତି ଜଣେ ଜର୍ନାଲିଷ୍ଟ, ଆପଣ ଏ କଥା ଜାଣିବା ଉଚିତ କ'ଣ ସବୁ ଭୁଲ ବୁଝାମଣା ରହିଛି । ସବୁଠାରୁ ବଡ଼ ଭୁଲ ବୁଝାମଣା ଏବେ ଏବେ ମୁଁ ବର୍ଣ୍ଣନା କରିସାରିଛି ଯେ, ଏହି ଲୋକମାନେ ଯେଉଁ ଭ୍ରଷ୍ଟ ଶିକ୍ଷା ଦେଉଅଛନ୍ତି ତାହା ବାସ୍ତବରେ ଇସ୍‌ଲାମ୍‌ର ଶିକ୍ଷା ନୁହେଁ । ବିଗତ ଦିନ ଦାଇଶ୍ ର ନେତା ଏହି ବୟାନ ଦେଇଥିଲେ, ଚାରିପାଂଚ ଦିନ ପୂର୍ବେ ଏ ବୟାନ ଆସିଥିଲା ଯେ, ଇସ୍‌ଲାମ୍ ହେଉଛି ଜିହାଦ୍ ଓ ସନ୍ତ୍ରାସବାଦର ଧର୍ମ ଓ ଏଥିରେ ପ୍ରେମ, ସ୍ନେହ ଏବଂ ଭାଇଚାରାର କୌଣସି ବି କଥା ନାହିଁ । ତେବେ ଦେଖନ୍ତୁ ଯେତେବେଳେ ଏହିଭଳି ମନୋଭାବ ସୃଷ୍ଟି ହୋଇଯାଏ ସେତେବେଳେ ଏହିଭଳି ପରିସ୍ଥିତି ଉପୁଜି ଥାଏ । ଯାହା ଏବେ ଘଟୁଅଛି । ସାଉଦୀ ଆରବକୁ ଦେଖନ୍ତୁ ଗୋଟିଏ ପଟେ ସେ ଦାବି କରୁଛି ଯେ, ଆମେ ଅଲ୍ଲାଃ ତାଲାଙ୍କ ଘରର ମୁତଓ୍ୱଲ୍ଲି (ନୀରିକ୍ଷକ) । ପୁଣି ଗୋଟିଏ ପଟେ ତାଙ୍କର ଏ ଦାବି ଯେ, ଆମ ଭୂଇଁରେ ଏ ପୃଥିବୀର ସବୁଠାରୁ ଉଚ୍ଚତମ ଏବଂ ଖାତ୍‌ମୁନ୍ ନବିୟୀନ୍‌ଙ୍କ ମଜାର୍ ଅଛି । ଏଠାରେ ସେ ଜନ୍ମ ହୋଇଥିଲେ ଏବଂ ଏଠାରେ ତାଙ୍କୁ କବର ଦିଆଯାଇଅଛି । ଆମେ ବିନା କୌଣସି ବାଛ ବିଚାରରେ ପ୍ରତ୍ୟେକ ମୁସଲମାନ ଫିର୍କାଙ୍କୁ ଅନୁମତି ଦେଉଅଛୁ ଯେ, ସେ ଆସି ଏଠାରେ ହଜ୍ କରିଥାଏ ଓ ମଦିନା ମଧ୍ୟ ଯାଇଥାଏ । ସେହିଭଳି ହଜ୍‌ର ଅନ୍ୟାନ୍ୟ କାର୍ଯ୍ୟ ଗୁଡ଼ିକ ମଧ୍ୟ ଖୋଲାଖୋଲି ଭାବେ କରିବାପାଇଁ ସେମାନଙ୍କୁ ଅନୁମତି ରହିଛି । କିନ୍ତୁ ଏ ଦାବି କରିବା ସତ୍ୱେ ମଧ୍ୟ ସେମାନେ ଯମାତ୍ ଅହେମଦିୟାକୁ ହଜ୍ କରିବାପାଇଁ ଅନୁମତି ଦେଉନାହାନ୍ତି ।

ଯମାତ୍‌ର କଥା ତ' ଗୋଟିଏ ପଟେ ରହିଲା କିନ୍ତୁ ଯେଉଁମାନେ ନିଜକୁ ମୁସଲମାନ କହୁଛନ୍ତି, ଯେଉଁମାନେ କଲ୍‌ମା ପଢୁଛନ୍ତି ସେମାନଙ୍କ ସହିତ ମଧ୍ୟ ଏମାନଙ୍କର ବ୍ୟବହାର ବହୁତ ଖରାପ । ମୁସଲମାନର ଯେଉଁ ସଜ୍ଞା ହଜ୍‌ରତ୍ ମୁହମ୍ମଦ ମୁସ୍ତଫା ସ:ଆ:ସ ନିରୁପଣ କରିଛନ୍ତି ଅର୍ଥାତ ଯିଏ ଲା ଇଲ୍ଲାହା ଇଲ୍ଲଲାହୁ ମୁହମଦୁର୍ ରସୁଲୁଲ୍ଲାଃ ପଢ଼ିଥାଏ, ଯିଏ କଲ୍‌ମା ପଢ଼ିଥାଏ ସେ ହେଉଛି ମୁସଲମାନ ବରଂ ଏ କଥା ମଧ୍ୟ ରିଓ୍ୱାୟତ୍‌ରେ ଆସୁଅଛି ଯେ, ଯିଏ କେବଳ ଲା ଇଲ୍ଲହା ଇଲ୍ଲଲାହ କହିଦିଏ ଅର୍ଥାତ ଅଲ୍ଲାଃଙ୍କ ବ୍ୟତିତ ଆଉ କେହି ଉପାସନା ଯୋଗ୍ୟ ନୁହନ୍ତି, ସେ ହେଉଛି ମୁସଲମାନ । ୟମନ୍ ଦେଶରେ ଯେଉଁ ଯୁଦ୍ଧ ଚାଲିଛି ତାହା ଫିର୍କା ପରୋସ୍ତିର ଯୁଦ୍ଧ ଅଟେ । ଗୋଟିଏ ପଟେ ତ ସେମାନଙ୍କର ଏ ଦାବି ଯେ, ଆମେ ଖୋଲାଖୋଲି ଭାବେ ଅନୁମତି ଦେଉଛୁ ଏବଂ କୌଣସି ଫିର୍କା ସହିତ ଆମର ସମ୍ପର୍କ ନାହିଁ ଓ ଅପରପକ୍ଷେ ଫିର୍କା ପରୋସ୍ତି କାରଣରୁ ଯୁଦ୍ଧ ହେଉଅଛି ଓ ପୁଣି ଏତିକି ନୁହେଁ ଦୁଇଦିନ ପୂର୍ବେ ଏହି ସାଉଦୀ ଆରବ ଭିତରେ ଶିହାମାନଙ୍କର ଗୋଟିଏ ମସ୍‌ଜିଦ୍ ବା ଇମାମ୍ ବାର୍‌ଗାହ୍ ଥିଲା, ତା' ଉପରେ ଆକ୍ରମଣ କରାଗଲା । ଫଳତଃ ୨୨ ଜଣ ଲୋକ ମରିଗଲେ ଓ ଅନେକ ଲୋକ କ୍ଷତବିକ୍ଷତ ହେଲେ । ଅତଏବ ସେଠାରେ ମଧ୍ୟ ଏହିଭଳି ବିଭ୍ରାଟ ଆରମ୍ଭ ହେବ ଏହା ଏଥିପାଇଁ ଯେ, ଏହି କାର୍ଯ୍ୟକଳାପ ଗୁଡ଼ିକ ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଅଛି ।

ପୁଣି ଯେଉଁ ସଲ୍‌ଫି ଲୋକମାନେ ଅଛନ୍ତି, ଏମାନେ ସାଉଦି ଆରବ ଦ୍ୱାରା ଉତ୍ପାଦିତ ଲୋକ ଅଟନ୍ତି । ସେହିଭଳି ଓ୍ୱହାବି ଫିର୍କାର ଚରମପନ୍ଥୀ ଲୋକମାନେ ଅଛନ୍ତି । ଏହି ସମସ୍ତ ଜିନିଷ ଏକଥା ବତାଉଛି ଯେ ଏହି ଲୋକମାନେ ଓ ଏହି ସ୍ଥାନ, ଯାହାକୁ ମୁସଲମାନମାନଙ୍କ ସବୁ ଫିର୍କାର ଲୋକେ ପବିତ୍ର ମଣୁଛନ୍ତି ଓ ସେଠାକୁ ଯାଉଛନ୍ତି ଏବଂ ସେଠିକାର ରାଜାଙ୍କୁ ଏଥିପାଇଁ ସମ୍ମାନ କରୁଛନ୍ତି ଯେ ସେ ସେଠିକାର ମୁତଓ୍ୱଲ୍ଲି (ଟ୍ରଷ୍ଟି) ଅଛନ୍ତି । ଏହା ସତ୍ୱେ ମଧ୍ୟ ସେମାନେ ଅନ୍ୟ ମୁସଲମାନ ଫିର୍କାର ଲୋକମାନଙ୍କ ସହିତ ଏପରି ବ୍ୟବହାର କରୁଛନ୍ତି ଏବଂ ସେମାନଙ୍କ ମନ ଭିତରେ ଯେଉଁ ମନ୍ଦ ଉଦ୍ଦେଶ୍ୟ ରହିଛି ତାହା ଏବେ ବାହାରକୁ ବାହାରୁଛି । ଯେଉଁମାନେ ନିଜକୁ ଇସ୍‌ଲାମ୍‌ର ଧ୍ୱଜାବାହକ ବୋଲି ଭାବୁଛନ୍ତି, ଇସ୍‌ଲାମ୍‌ର ସୁଧାରକ ଭାବରେ ନିଜକୁ ବିବେଚନା କରୁଛନ୍ତି, ସେହିମାନେ ହିଁ ଉଗ୍ରବାଦର ଶିକ୍ଷା ଦେଉଛନ୍ତି । ବର୍ତମାନ ଚରମପନ୍ଥି କାର୍ଯ୍ୟକଳାପର କୌଣସି ଅନ୍ତ ହିଁ ନାହିଁ । ପ୍ରତ୍ୟେକ ସ୍ଥାନରେ ଏହା ଚାଲି ଓ ଚାଲୁଥିବ । ଏହା ହିଁ ଇସ୍‌ଲାମ୍ ଉପରେ ବଡ଼ ଆରୋପ । ଆମେ ଜମାତ୍ ଅହେମଦୀୟାର ଲୋକମାନେ ଏ କଥା କହିଥାଉ ଯେ, ତୁମେମାନେ ଜମାତ୍ ଅହେମଦୀୟା ଉପରେ ଜିହାଦି ହେବାର ଆରୋପ ଲଗାଉଛ ବା Extremist ହେବାର ବା ଉଗ୍ରବାଦୀ ହେବାର ଆରୋପ ଲଗାଉଛ ଏବଂ କେବଳ ନିଜର ଧର୍ମକୁ ସଠିକ ମଣୁଛ । ଏହି ସମସ୍ତ ଆରୋପ ଅଭିଯୋଗ ଭୂଲ ଅଟେ । ଯାହା ନା ତ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣିତ ଓ ନା ହଦିସ୍‌ରୁ ପ୍ରମାଣ ହୋଇଥାଏ ଓ ନା ଜମାତ୍‌ର ଲୋକମାନଙ୍କ କର୍ମରୁ ଏହାର କିଛି ଆଭାଷ ମିଳିଥାଏ ଯେ ତୁମେ ଏହି ଆପତି ଅଭିଯୋଗକୁ ପ୍ରମାଣ କରିପାରିବ ।

**ପୁଣି ଜର୍ନାଲିଷ୍ଟ ଜଣକ ପ୍ରଶ୍ନ କଲେ ଯେ: ବର୍ତମାନ ଦୁନିଆରେ ଯେଉଁ ବିବାଦ ସବୁ ଦେଖୁଛନ୍ତି । ଉଦାହରଣ ସ୍ୱରୁପ ମୁସଲମାନମାନେ ପରସ୍ପର ମଧ୍ୟରେ ହାଣକାଟ ହେଉଛନ୍ତି ଓ ଜଣେ ଅନ୍ୟଜଣକ ମୁଣ୍ଡ କାଟୁଛି, ଏଥି ଯୋଗୁଁ ଆପଣ କାହାକୁ ଅଧିକ ଦୋଷ ଦେବେ ? ମୁସଲମାନମାନଙ୍କୁ ବା ପାଶ୍ଚାତ୍ୟ ଦେଶଗୁଡ଼ିକୁ, ଯେଉଁମାନେ ନିଜର ଲାଭ ପାଇଁ ଏଭଳି କାମ କରୁଛନ୍ତି ?**

ଏହି ପ୍ରଶ୍ନର ଉତର ଦେଇ ହଜୁର ଅନଓ୍ୱର ଅ:ବ:ଅ କହିଲେ: କଥା ହେଉଛି ଏହା କି ଆପଣ ଯଦି ବୁଦ୍ଧିର ବ୍ୟବହାର ନ କରିବେ ଓ ମୋ ଭୂଲ କଥାରେ ଅନୁପ୍ରାଣିତ ହୋଇ ନିଜ ଭାଇର ମୁଣ୍ଡ କାଟିବେ ତା'ହେଲେ ଦୋଷି ଯେତେମାତ୍ରାରେ Incite କରୁଥିବ, ସେତେମାତ୍ରାରେ ଆପଣ ବି ପ୍ରଭାବିତ ହେଉଥିବେ । ଯେଉଁମାନେ ସ୍ୱାର୍ଥପର ଜାତି ବା ଯେଉଁମାନେ ଇସ୍‌ଲାମ୍‌କୁ ଆଗକୁ ବଢ଼ିବାରେ ଦେଖିବାକୁ ଚାହୁଁନାହାନ୍ତି ବା କୌଣସି ମତେ ଇସ୍‌ଲାମ୍‌କୁ ବିରୋଧ କରୁଛି, ସେମାନେ ମୁସଲମାନମାନଙ୍କୁ ଉକୁସାଉଛନ୍ତି । କାରଣ ବର୍ତମାନ ବ୍ୟବହାରିକ ଦୃଷ୍ଟିରୁ ଯଦି କୌଣସି ଧର୍ମ ଅଛି ଲୋକମାନେ ଯଦି କୌଣସି ଧର୍ମ ଉପରେ ପରିଚାଳିତ ହେବାକୁ ଚାହୁଁଛନ୍ତି ବା ସେମାନେ ଭାବୁଛନ୍ତି ଯେ ଆମର ଏହି ଧର୍ମ ହେଉଛି ସତ୍ୟଧର୍ମ ଓ ଏ ଧର୍ମ ଆମ ପାଇଁ ଜରୁରୀ ତା'ହେଲେ ସେମାନେ ହେଉଛନ୍ତି ମୁସଲମାନ । ଖ୍ରୀଷ୍ଟିଆନ୍‌ମାନଙ୍କର ଅଧିକାଂଶ ବର୍ଗ, ୭୫ ପ୍ରତିଶତରୁ ଅଧିକା ଲୋକ ଧର୍ମ ପରିତ୍ୟାଗ କରିସାରିଛନ୍ତି ।

ଏପରି ଏକ ସମୟ ଥିଲା, ଯେ ଆମେରୀକାରେ ବହୁତ ଧାର୍ମିକ ଲୋକ ଥିଲେ । ଏବେ ଏବେ ଯେଉଁ ସର୍ଭେ କରାଯାଇଅଛି ଏଥିରେ ବହୁତ ଲୋକ ଏକଥା କହିଛନ୍ତି ଯେ ଆମକୁ ଧର୍ମରେ କୌଣସି ଆଗ୍ରହ ନାହିଁ । ଧର୍ମକୁ ମାନୁଥିବା

ଲୋକମାନଙ୍କ ମଧ୍ୟରେ ବହୁତ ହ୍ରାସ ହୋଇଛଇ । ଯେଉଁମାନେ ପୂର୍ବରୁ ପ୍ରାୟ ୯୦ ପ୍ରତିଶତ ଥିଲେ, ଏହି ଦୁଇ ତିନି ବର୍ଷ ମଧ୍ୟରେ ୭୦ ପ୍ରତିଶତ ରହିଗଲେଣି । Figure ବତାଇ ଦେଉଛି ଯେ ଧର୍ମରୁ ଦୂରତା ବଢ଼ି ଯାଉଛି । ଗତ ଦିନ ଗୁଡ଼ିକରେ ଖବରକାଜରେ ଇସ୍ରାଇଲ୍ ଦେଶରେ ସର୍ଭେ (survey) କରାଯାଇଥିବା ରିପୋର୍ଟ ପ୍ରକାଶ ହୋଇଥିଲା । ଇହୁଦୀମାନଙ୍କ ମଧ୍ୟରେ ବି ବହୁତ ଲୋକ ଏପରି ସୃଷ୍ଟି ହୋଇଗଲେଣି ଯେଉଁମାନେ କହୁଛନ୍ତି ଯେ ଆମକୁ ଏବେ ଧର୍ମ ପ୍ରତି ଆଗ୍ରହ ନାହିଁ । ଏହି ପ୍ରତିଶତ (percentage) ବହୁତ ବଢ଼ିଚାଲିଛି ।

ମୁସଲମାନମାନଙ୍କର ଯେହେତୁ ଧର୍ମ ପ୍ରତି ଅଧିକ ଆଗ୍ରହ ରହିଥାଏ, ଓ ସେମାନେ ଭାବିଥାନ୍ତି ଯେ ଆମ ଧର୍ମ ହେଉଛି ଠିକ୍ ଏବଂ ଧର୍ମ ରହିବା କଥା । ସେଥିଯୋଗୁଁ ଯେଉଁ ସମ୍ପ୍ରଦାୟଗୁଡ଼ିକ ଧର୍ମକୁ ବିରୋଧ କରୁଛନ୍ତି, ସେମାନେ ଚାହିଁଥାନ୍ତି ଯେ ଇସ୍ଲାମ୍ ବି ସେହିଭଳି ଶେଷ ହୋଇଉ ଯେଉଁଭଳି ଅନ୍ୟ ଧର୍ମଗୁଡ଼ିକ ଶେଷ ହୋଇଯାଇଛନ୍ତି । କିନ୍ତୁ ଏପରି କେବେ ବି ହେବ ନାହିଁ । ତେଣୁ ସେମାନେ ମୁସଲମାନମାନଙ୍କୁ ଉସୁକାଉଛନ୍ତି, ବିଭିନ୍ନ ମୁସଲମାନ ଗୋଷ୍ଠିର ଲୋକମାନଙ୍କୁ ଭଡ଼କାଉଛନ୍ତି । ତେଣୁ ଏହି ସବୁ ଦଳଗୁଡ଼ିକ ସେହି (ଇସ୍ଲାମୀ ବିରୋଧି ଶକ୍ତି) ଦ୍ୱାରା ସୃଷ୍ଟି ହୋଇଛନ୍ତି । ମୁଁ ଅନେକ ସ୍ଥାନରେ ଏକଥା କହିସାରିଛି । ବିଗତ ଦିନ peace symposium ଅବସରରେ ମୁଁ ଏକଥା କହିଥିଲି ଯେ ISIS ନିକଟରେ କୌଣସି Industry ନାହିଁ ଯେ ସେମାନେ ଅସ୍ତ୍ରଶସ୍ତ୍ର ତିଆରି କରିପାରିବେ । ନା ସେମାନଙ୍କ ନିକଟରେ ସାଇସ୍ଟିଫିକ୍ ରିସର୍ଚ୍ଚରେ Approach ରହିଛି ନା ଏତେମାତ୍ରାରେ Sophisticated ବସ୍ତୁ ସେମାନଙ୍କ ନିକଟରେ ରହିପାରେ । ନା ସେମାନଙ୍କ ଆର୍ଥିକ ଅବସ୍ଥା ଏତେ ଦୃଢ଼ ରହିପାରେ । କିନ୍ତୁ ଦେଖନ୍ତୁ ISIS ର Economy କେତେ ମଜଭୁତ୍ ହୋଇ ଚାଲିଛି ? ଏହାର କାରଣ କ'ଣ ? ସେମାନେ କହୁଛନ୍ତି ପ୍ରତିଦିନ ଛଅ ମିଲିୟନ୍ ଡ଼ଲାର ସେମାନଙ୍କ ରୋଜଗାର ହେଉଛି । ସେମାନେ ଯେଉଁ Infrastructure ନିର୍ମାଣ କରୁଛନ୍ତି ଓ ଯେଉଁ Staff ରଖିଛନ୍ତି ଏବଂ ଯେଉଁ ବେତନ ଦେଉଛନ୍ତି, ସେ ସବୁର ଖର୍ଚ୍ଚ ଏକ ମିଲିୟନ୍ ଡ଼ଲାର । ବାକିତକ ସେମାନେ ଅର୍ଥ ଉପାର୍ଜନ କରୁଛନ୍ତି । ଏବେ ପ୍ରଶ୍ନ ଉଠୁଛି ଯେ ସେମାନଙ୍କ ନିକଟକୁ ଏତେମାତ୍ରାରେ ଅର୍ଥରାଶି କେଉଁଠୁ ଆସୁଛି । ଏବେ ଦେଖନ୍ତୁ ସେମାନେ ଇରାନ୍ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି । ଇରାନ୍ ହେଉଛି Established ପୁରୁଣା ଦେଶ । ତା'ର ଏକ Economy ରହିଛି, ତା'ର ଏକ sys-

ଅବଶିଷ୍ଟାଂଶ ପୃଷ୍ଠା- ୦୨ ରେ ଦେଖନ୍ତୁ...

## ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାହ୍ଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

(ମୁସ୍ଲିମ୍, କିତାବୁଲ୍ ଇମାନ୍)

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାହ୍ଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

(ମଲ୍ଫୁଜାତ୍, ଖଣ୍ଡ-୪, ପୃ-୩୪୪)

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

## ହଜରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

(ଖୁତ୍ବା ଯୁମାଃ: ପ୍ରଦତ୍ତ ୨୭ ଜାନୁୟାରୀ ୨୦୧୭)

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

(ମଲ୍ଫୁଜାତ୍, ଖଣ୍ଡ-୫, ପୃ-୪୦୭)

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

# କାଦିଆନ୍‌ର ଶିକ୍ଷାନୁଷ୍ଠାନଗୁଡ଼ିକରେ ମହିଳା ଶିକ୍ଷୟତ୍ରୀ ଆବଶ୍ୟକ

ତାଲିମୁଲ୍ ଇସ୍ଲାମ୍ ସିନିୟର୍ ସେକେଣ୍ଡାରୀ ସ୍କୁଲ୍ ଏବଂ ନୁସ୍ରତ୍ ଗାର୍ଲସ ହାଇସ୍କୁଲ୍‌ରେ Punjabi, Physical Education, Physics, Mathematics, English, Computer ଏବଂ Hindi ବିଷୟଗୁଡ଼ିକ ପଢ଼ାଇବା ପାଇଁ ମହିଳା ଶିକ୍ଷୟତ୍ରୀମାନଙ୍କ ନିମନ୍ତେ କିଛି ପୋଷ୍ଟ ଖାଲିଅଛି । ସିଲ୍‌ସିଲା ନିମନ୍ତେ ସେବା ମନୋଭାବ ଏବଂ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ରଖିଥିବା ଇଚ୍ଛୁକ ପ୍ରାର୍ଥୀ ନଜାରତ୍ ଦିୱାନ୍‌ଙ୍କ ତରଫରୁ ପ୍ରକାଶିତ ଫର୍ମ ପୂରଣ କରି ନିଜ ନିଜର ଆବେଦନ ପତ୍ରଗୁଡ଼ିକୁ ଦାଖଲ କରିପାରିବେ । ଖାଲିଥିବା ପୋଷ୍ଟ ଗୁଡ଼ିକର ବିବରଣୀ ନିମ୍ନରେ ଦିଆଗଲା ।

(1) P.G.T (ପୋଷ୍ଟ ଗ୍ରାଜୁଏଟ୍ ଟିଚର) Physics

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ୫୫% ନମ୍ବର ରଖି ପୋଷ୍ଟ ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ଦୁଇ ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ ।

(2) T.G.T (ଟ୍ରେନିଂ ଗ୍ରାଜୁଏଟ୍ ଜେନେରାଲ୍ ଲାଇନ୍ ଟିଚର)

ଶିକ୍ଷାଗତ ଯୋଗ୍ୟତା: ୫୫% ନମ୍ବର ରଖି ଗ୍ରାଜୁଏଶନ୍ ଏବଂ B.Ed ସହିତ କୌଣସି ସରକାରୀ ଅନୁମୋଦିତ ଅନୁଷ୍ଠାନରେ ତିନି ବର୍ଷର ଶିକ୍ଷାଦାନ ଅଭିଜ୍ଞତା ଥିବ (ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ)

(3) Computer Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.C.A) 55% ନମ୍ବର ରଖିଥିବେ ଏବଂ କୌଣସି ଅନୁମୋଦିତ ଅନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ । ପୋଷ୍ଟ ଗ୍ରାଜୁଏଟ୍‌ଙ୍କୁ ଅଗ୍ରାଧିକାର ଦିଆଯିବ ।

(4) Physical Education Teacher

ଶିକ୍ଷାଗତ ଯୋଗ୍ୟତା: ସମ୍ବନ୍ଧିତ ବିଷୟରେ ଗ୍ରାଜୁଏଶନ୍ (B.P.Ed) ରେ 55% ନମ୍ବର ସହିତ କୌଣସି ଅନୁମୋଦିତ ଶିକ୍ଷାନୁଷ୍ଠାନରେ ତିନିବର୍ଷର ଅଭିଜ୍ଞତା ଥିବ ।

* TET ବା CTET କ୍ୱାଲିଫାଏଡ୍ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ ।
* ପ୍ରାର୍ଥୀଙ୍କ ବୟସ ୨୦ ବର୍ଷରୁ କମ୍ ଏବଂ ୪୦ ବର୍ଷରୁ ଅଧିକ ହୋଇନଥିବ । ଆବଶ୍ୟକ ପଡ଼ିଲେ ବୟସର ସୀମାରେ ରିହାତି କରିବା ପାଇଁ ଚିନ୍ତା କରାଯିବ ।
* କେବଳ ସେହି ପ୍ରାର୍ଥୀମାନଙ୍କୁ ଚୟନ କରାଯିବା ଉପରେ ବିଚାର କରାଯିବ ଯେଉଁମାନେ ନିଯୁକ୍ତି କେନ୍ଦ୍ରୀୟ କମିଟିଙ୍କ ଦ୍ୱାରା ନିଆଯାଇଥିବା ଲିଖିତ ପରୀକ୍ଷା ଓ ମୌଖିକ ଇଂଟରଭ୍ୟୁରେ ସଫଳ ହେବେ ଏବଂ ଡ଼ାକ୍ତରଖାନାର ଡ଼ାକ୍ତରୀ ରିପୋର୍ଟ ଅନୁଯାୟୀ ସୁସ୍ଥ ହୋଇଥିବେ ।
* Selection ହେବା କ୍ଷେତ୍ରରେ ପ୍ରାର୍ଥୀଙ୍କୁ କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜକୁ କରିବାକୁ ହେବ ।
* ଇଂଟରଭ୍ୟୁ ପାଇଁ କାଦିଆନ୍ ଡ଼ାକଇବା କ୍ଷେତ୍ରରେ ଯାତାୟାତର ପରିବହନ ଖର୍ଚ୍ଚ ପ୍ରାର୍ଥୀ ନିଜେ ବହନ କରିବେ ।
* ଇଂଟରଭ୍ୟୁର ଧାର୍ଯ୍ୟ ତାରିଖ ବିଷୟରେ ପରେ ଅବଗତ କରାଇ ଦିଆଯିବ ।
* ମୁଦ୍ରିତ ଫର୍ମ ଦଫ୍‌ତର୍ ନଜାରତ୍ ଦିୱାନ୍ ବା ନିମ୍ନଲିଖିତ ଠିକଣା/Email ରୁ ହାସଲ କରିପାରିବେ ।
* ଦରଖାସ୍ତଗୁଡ଼ିକ ଶିକ୍ଷାଗତ ଯୋଗ୍ୟତା ଏବଂ ଅଭିଜ୍ଞତା ସାର୍ଟିଫିକେଟ୍‌ଗୁଡ଼ିକ ଉପରେ (Self Attested) କରି ତାହାର ଅବିକଳ ନକଲ ନଜାରତ୍ ଦିୱାନ୍‌ଙ୍କ ନିକଟରେ ଏହି ଘୋଷଣାର ଦୁଇ ମାସ ମଧ୍ୟରେ ପହଂଚିବା ଆବଶ୍ୟକ ।
* ଜୀବିକା ଭତା (Allowance) ଏବଂ ଅନ୍ୟାନ୍ୟ ସୂଚନା ପ୍ରାପ୍ତ କରିବାପାଇଁ ନିମ୍ନଲିଖିତ E-mail ଏବଂ ଫୋନ୍ ନମ୍ବର ଗୁଡ଼ିକରେ ଅଫିସ୍ ସମୟରେ ଯୋଗାଯୋଗ କରାଯାଇପାରିବ ।

**ନଜାରତ୍ ଦିୱାନ୍ ସଦର୍ ଅଞ୍ଜୁମନ୍ ଅହେମଦୀୟା କାଦିୟାନ୍**
**ଜିଲ୍ଲା- ଗୁରଦାସ୍‌ପୁର, ପିନ୍-୧୪୩୫୧୬**
**ମୋବାଇଲ:-୦୯୬୮୨୬୨୭୫୯୨, ୦୯୬୮୨୫୮୭୭୧୩**
**ଅଫିସ୍ ଫୋନ୍ ନଂ- ୦୧୮୭୨-୫୦୧୧୩୦**
**Email: diwan@qadian.in**
**(ନାଜିର୍ ଦିୱାନ୍, ସଦର ଅଞ୍ଜୁମନ ଅହେମଦୀୟା କାଦିୟାନ୍)**

## ନୂରୁଲ୍ ଇସ୍ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟହ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ଚ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢ଼ିନେବେ ।

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Dist: Gurdaspur (Pb.) INDIA Qadian - 143516

Postal Reg. No.GDP-40/2020-2022 Vol.6 Thursday 02 Sep 2021 Issue No. 35

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ - (ମଇ ଜୁନ୍ ୨୦୧୫)

*ହଜୁର ଅନଓ୍ୱର ଅ:ବ:ଅଙ୍କ ତାଜା ୟୁରୋପ ଗସ୍ତ (ସେପ୍ଟେମ୍ବର ଅକ୍ଟୋବର ୨୦୧୯)ର ରିପୋର୍ଟ ଗତ ସଂଖ୍ୟାରେ ଶେଷ ହୋଇଯାଇଛି । ଅଲ୍‌ହମ୍‌ଦୁଲିଲ୍ଲାଃ ଏବେ ଏହି ସଂଖ୍ୟାରୁ ୨୦୧୫ ମସିହାର ରିପୋର୍ଟ ପ୍ରକାଶିତ ହେବ । ଯେପର୍ଯ୍ୟନ୍ତ ହଜୁର ଅନଓ୍ୱର ଅ:ବ:ଅଙ୍କ ଗସ୍ତର କୌଣସି ତାଜା ରିପୋର୍ଟ ହସ୍ତଗତ ନ ହୋଇଛି ସେ ପର୍ଯ୍ୟନ୍ତ ବିଗତ ରିପୋର୍ଟ ଗୁଡ଼ିକ ଯାହା ପ୍ରକାଶିତ ହୋଇପାରିନାହିଁ ତାହା ଏଥିରେ ସାମିଲ କରାଯିବ । ତାଜା ରିପୋର୍ଟ ହସ୍ତଗତ ହେବାରେ ପୂର୍ବ ରିପୋର୍ଟଗୁଡ଼ିକୁ ରୋକି ଦିଆଯାଇ ତାଜା ରିପୋର୍ଟ ପ୍ରକାଶ କରାଯିବ । (କାର୍ଯ୍ୟାଳୟ)*

**୨୫ ମଇ ୨୦୧୫ (ସୋମବାର)**

**ରିପୋର୍ଟର ବଳକାଅଂଶ**

**ଫ୍ୟାମିଲି ସାକ୍ଷାତକାରର ଅବିଶିଷ୍ଟାଂଶ**

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ସାକ୍ଷାତ କରିବା ସମୟରେ ଶିକ୍ଷା ହାସଲ କରୁଥିବା ବଡ଼ ବଡ଼ ପିଲାମାନଙ୍କୁ କଲମ ପ୍ରଦାନ କଲେ ଓ ଛୋଟ ବୟସର ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତକାର କରିବାକୁ ଆସିଥିବା । ଏହି ପରିବାରର ସଦସ୍ୟମାନେ ଜର୍ମାନୀର ନିମ୍ନଲିଖିତ ଜମାତ୍‌ଗୁଡ଼ିକରୁ ଆସିଥିଲେ ।

CALW, SOEST, RADOLFZELL, BURSTADT, NORTHEIM, NIDDA, NIEDERHAUSEN, KOBLENZ, DUSSELDORM, ALTMANN, HANAU, OSNABRUCK, RENNINGEN, HOFHEIM, FREINSHEIM, USINGEN, WURZBURG, GODDELAU, DORTMUND, AALEN, ERFELDEN, MANHEIN, PADERBORN ଯମାତ୍‌ରୁ ଆସିଥିଲେ ।

କିଛି ଯମାତ୍‌ଗୁଡ଼ିକରୁ ଏହି ପରିବାରଗୁଡ଼ିକ ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାପାଇଁ ଏଠାରେ ପହଂଚିଥିଲେ । କାସିଲ୍‌ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୧୮୦ କିଲୋମିଟର ଏବଂ Dusheldorf ରୁ ଆସିଥିବା ଫ୍ୟାମିଲିଗୁଡ଼ିକ ୨୩୦ କିଲୋମିଟର ରାସ୍ତା ଅତିକ୍ରମ କରି ଏଠାରେ ଆସି ପହଂଚିଥିଲେ ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ଦ୍ୱିପ୍ରହର ଦିନ ୨ଟାରେ ସରିଲା ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଜୋହର୍ ଏବଂ ଅସର ନମାଜ ପଢ଼ିବା ପାଇଁ ମସଜିଦ୍‌ରେ ଥିବା ହଲ୍ ଭିତରେ ପଦାର୍ପଣ କଲେ ।

**ନାମଜ ଯନାଜାଃ ହାଜିର ଓ୍ୱ ଗାଏବ୍**

**(ଉପସ୍ଥିତ ଏବଂ ଅନୁପସ୍ଥିତ)**

ନମାଜ ପାଠ ପୂର୍ବରୁ ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ଦୁଇଜଣଙ୍କର ହାଜିର୍ ଯନାଜାଃ ଏବଂ ଛଅଜଣ ଲୋକଙ୍କର ଯନାଜାଃ ଗାଏବ୍ ପଢ଼ାଇଲେ ।

**ନମାଜ ଯନାଜାଃ ହାଜିର୍**

୧. ମୁକରମ୍ କାଜି ତାହେର୍ ଅହେମଦ୍ ସାହେବ୍ (ମାର୍‌ବୁର୍ଗ ଜର୍ମାନୀ) ମର୍‌ହୁମ୍ ୨୦ ମଇ ୨୦୧୫ ତାରିଖ ଦିନ ୬୩ ବର୍ଷ ବୟସରେ ଅଲ୍ଲାଙ୍କ ଇଚ୍ଛା ମୁତାବକ ଦେହ ତ୍ୟାଗ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ମର୍‌ହୁମ୍‌ଙ୍କୁ ଜର୍ମାନୀରେ ୧୩ ବର୍ଷ ନ୍ୟାସନାଲ୍ ସେକ୍ରେଟାରୀ ରିସ୍ତାନାତା ଭାବରେ ସେବା କରିବାର ଅବସର ମିଳିଛି । ଏହି ସିଲ୍‌ସିଲାର ପ୍ରଶିଦ୍ଧ ଜ୍ଞାନୀ କାଜି ମୁହମ୍ମଦ ନଜିର୍ ସାହେବ୍ ଲାଏଲ୍ ପୁରିଙ୍କର ସେ ଭଣଜା ଥିଲେ । ମର୍‌ହୁମ୍ ମୁସୀ ଥିଲେ ।

୨. ମୋକରମା଼ ଅଜିଜ୍ ବେଗମ୍ ସାହିବା (ପତ୍ନୀ ମୋକରମ୍ ଚୌଧୁରୀ ଅବ୍‌ଦୁଲ୍ ହକ୍ ସାହେବ୍, ଡ୍ରାମସ୍ଟାର୍ଡ଼ ଜର୍ମାନୀ) ମର୍‌ହୁମାଙ୍କର ୨୩ ମଇ ୨୦୧୫ ଦିନ ୭୭ ବର୍ଷ ବୟସରେ ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* ।ମର୍‌ହୁମା ମୋକରମ୍ ଶହବାଜ୍ ଅହେମଦ୍ ସାହେବ୍ ସେକ୍ରେଟାରୀ ସନ୍‌ଅତ୍ ଓ୍ୱ ତିଜାରତ୍ ଲୋକାଲ୍ ଇମାରତ୍ ଡ୍ରାମ୍‌ଷ୍ଟ୍ରାଡ଼ଙ୍କ ମାତା ଥିଲେ ।

**ଯନାଜାଃ ଗାଏବ୍**

(୧) ମୋକରମା ରିଜଓ୍ୱାନା ପରଓ୍ୱିନ୍ ସାହିବା (ପତ୍ନୀ ମୋକରମ୍ ନଇମ୍ ଅହ୍‌ମଦ୍ ସନ୍ଧୁ ସାହେବ, ପ୍ରେମ୍‌କୋଟ୍, ଜିଲ୍ଲା ହାଫ୍‌ଜାବାଦ୍) ମର୍‌ହୁମାଙ୍କର ୯ ମାର୍ଚ୍ଚ ୨୦୧୫ ଦିନ ୪୨ ବର୍ଷ ବୟସରେ ଅକାଳ ବିୟୋଗ ହେଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ମର୍‌ହୁମା ବହୁତ ଦିନ ପର୍ଯ୍ୟନ୍ତ ସଦର୍ ଲଜ୍‌ନା ପ୍ରେମକୋଟ ଭାବରେ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ସେ ମୁସିୟା (ଅର୍ଥାତ ଓ୍ୱସିୟତ୍) କରିଥିଲେ ।

(୨) ମୋକରମା ଫତହ୍ ଖାତୁନ୍ ସାହିବା (ପତ୍ନୀ ମୋକରମ ଖୁଦାୟାର୍ ସାହେବ୍ ମର୍‌ହୁମ୍ ଅଫ୍ ଚକ୍ ୩୫ ଶୁମାଲି ସର୍ଗୋଧା) ମର୍‌ହୁମା ୨୩ ଫେବୃୟାରୀ ୨୦୧୫ରେ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ମର୍‌ହୁମା ମୁସିୟା ଥିଲେ । ସେ ଅତ୍ୟନ୍ତ ଭଦ୍ର, ଦୟାଳୁ, ପ୍ରାର୍ଥନାକାରୀ, ପୂଣ୍ୟବତୀ ଏବଂ ନିଷ୍ଠାବାନ ମହିଳା ଥିଲେ ।

(୩) ମୋକରମ୍ ଜମାଲ୍ ଦୀନ୍ ସାହେବ୍ (ସୁପୁତ୍ର ମୋକରମ୍ ଖୁଦା ବଖ୍‌ଶ୍ ସାହେବ୍ ମର୍‌ହୁମ୍ କାଲାସୁଆଲା ତହ୍‌ସିଲ୍ ପସ୍‌ରୁର୍ ଜିଲ୍ଲା ସିଆଲ୍‌କୋଟ) ୨୮ ଏପ୍ରିଲ୍ ୨୦୧୫ ଦିନ ୮୮ ବର୍ଷ ବୟସରେ ତାଙ୍କର ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ସ୍ୱର୍ଗତ ଜଣେ ବିଶ୍ୱସ୍ତ ଏବଂ ସିଲ୍‌ସିଲା ପାଇଁ ଦରଦ ରଖିଥିବା ପୂଣ୍ୟବନ୍ତ ଓ ନିଷ୍ଠାପର ବ୍ୟକ୍ତି ଥିଲେ ।

(୪) ମୋକରମା ସାଜ୍‌ଦାଃ ପର୍‌ଓ୍ୱିନ୍ ସାହିବା (ପତ୍ନୀ ମୋକରମ୍ ବେଶାରତ୍ ଅହ୍‌ମଦ୍ ସାହେବ୍ କଲାସୁଆଲା ଜିଲ୍ଲା ସିଆଲ୍‌କୋଟ) ମର୍‌ହୁମା ଦୁଇବର୍ଷ ଅସୁସ୍ଥ ରହିବା ପରେ ୧୨ ଏପ୍ରିଲ୍ ୨୦୧୫ ଦିନ ୪୭ ବର୍ଷ ବୟସରେ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ମର୍‌ହୁମା କାଲା ସୁଆଲା ଜିଲ୍ଲା ସିଆଲ୍‌କୋଟର ସଦର୍ ଲଜ୍‌ନା ଭାବରେ ଦୀର୍ଘ ଦୀନ ପର୍ଯ୍ୟନ୍ତ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ମର୍‌ହୁମା ମୁସିୟା ଥିଲେ ଏବଂ ଜମାତି କାମ ପାଇଁ ସବୁବେଳେ ପ୍ରସ୍ତୁତ ରହୁଥିଲେ ।

(୫) ମୋକରମ୍ ହଫିଜ୍ ଅହ୍‌ମଦ୍ ସାହେବ୍ (ସୁପୁତ୍ର ଶଫି ମୁହମ୍ମଦ ସାହେବ, ରବ୍‌ଓ୍ୱା) ୨୧ ମଇ ୨୦୧୫ ଦିନ ୬୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଛି । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ସେ ବେହେଶ୍‌ତି ମକ୍‌ବାରାଃ ରବ୍‌ଓ୍ୱାର କାରକୁନ୍ (କର୍ମଚାରୀ) ଥିଲେ ଏବଂ ଦାରୁଲ୍ ସଦର୍ ରବଓ୍ୱାରେ ଟ୍ୟୁବ୍‌ଓ୍ୱେଲ୍ ଅପରେଟର ଭାବରେ କାମ କରୁଥିଲେ ।

(୬) ମୋକରମା ବଶିରାଁ ବେଗମ୍ ସାହିବା (ପତ୍ନୀ ମୋକରମ୍ ଚୌଧୁରୀ ଅବ୍‌ଦୁଲ୍ ଲତିଫ୍ ସାହେବ ରୋନ୍‌ହାଏମ୍, ଜର୍ମାନୀ) ମର୍‌ହୁମାଙ୍କର ଦେହାନ୍ତ ୭ ମଇ ୨୦୧୫ ଦିନ ଜର୍ମାନୀରେ ଦେହାନ୍ତ ହେଲା । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍* । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସାହାବି ହଜ୍‌ରତ୍ ମିଆଁ ଦୀନ୍ ମୁହମ୍ମଦ ସାହେବ ର:ଅଙ୍କ ଝିଅ ଥିଲେ ଏବଂ ମୋକରମ୍ ଗୁଲାମ୍ ମୁହମ୍ମଦ ଅଖ୍‌ରତ୍ ସାହେବ ପୂର୍ବତନ ନାଜିର୍ ଆଲା ସଦର୍ ଅଞ୍ଜୁମନ୍ ଅହେମଦିୟାଙ୍କ ଝିଆରୀ ଥିଲେ । ତାଙ୍କ ପୁତ୍ର ମୋକରମ୍ ଶାହୀଦ୍ ଲତିଫ୍ ଅଞ୍ଜୁମ୍ ସାହେବ ସଦର ଜମାତ୍ ରୋନ୍ ହାଏମ୍ ଆସିଷ୍ଟାଂଟ ନ୍ୟାଶ୍ନାଲ୍ ସେକ୍ରେଟାରୀ ଜିଆଫତ୍ ଭାବରେ ସେବାକାର୍ଯ୍ୟ ସମ୍ପାଦନ କରୁଛନ୍ତି । ମର୍‌ହୁମା ମୁସିୟା ଥିଲେ ।

ନମାଜ ଯନାଜାଃ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍‌ରେ ଥିବା ହଲ୍ ଭିତରକୁ ଆସିଲେ ଓ ସେଠାରେ ପ୍ରୋଗ୍ରାମ୍ ମୁତାବକ ତକ୍‌ରିବେ ଆମୀନ୍ ଅନୁଷ୍ଠିତ ହେଲା ।

**ତକରିବେ ଆମୀନ୍**

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ନିମ୍ନଲିଖିତ ୨୪ ଜଣ ପୁଅ ଓ ଝିଅ ପିଲାଙ୍କଠାରୁ ପବିତ୍ର କୁର୍‌ଆନ୍ କରିମ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜମ୍ ଆଜାନ୍ ମେହ୍‌ମୁଦ୍, ଅଜିଜମ୍ ଶାୟାନ୍ ଅହ୍‌ମଦ୍, ଅଜିଜମ୍ ତଫ୍‌ରିଦ୍ ଅହ୍‌ମଦ୍, ଅଜିଜମ୍ କାହିର୍ ଅହ୍‌ମଦ୍, ଅଜିଜମ୍ ସଫ୍‌ଓ୍ୱାନ୍ ଅହ୍‌ମଦ୍ ଜାଓ୍ୱେଦ୍, ଅଜିଜମ୍ ଫରିଦ୍ ଜକରିୟା, ଅଜିଜମ୍ ଖାକାନ୍ ରଶିଦ୍, ଅଜିଜମ୍ ରାଣା ଫର୍‌ହାନ୍ ଅହ୍‌ମଦ୍, ଅଜିଜମ୍ ଇବ୍‌ତିସାମ୍ ଖାନ୍, ଅଜିଜମ୍ ଜାହିର୍ ନଦୀମ୍ ଭଟ୍ଟି, ଅଜିଜମ୍ ଅହ୍‌ସନ୍ ଅଫ୍‌ଜାଲ୍, ଅଜିଜମ୍ ଇଶାନ୍ ଅହ୍‌ମଦ୍ ଏବଂ ଅଜିଜମ୍ ତୌକିଲ୍ ଅହ୍‌ମଦ୍ ।

ଅଜିଜାଃ ତାବିର୍ ନାସିର୍ ଡୋଗର୍, ଅଜିଜାଃ ମନାଲ୍ ହବିବ୍, ଅଜିଜାଃ ଗୁଲ୍ ତାନାଶା ଖାନ୍ ଜାଓ୍ୱେଦ୍, ଅଜିଜାଃ ସତ୍‌ଓ୍ୱତ୍ ତାହିର୍, ଅଜିଜାଃ ଇଲିୟିନ୍ ଅହ୍‌ମଦ୍, ଅଜିଜାଃ ରିଦା ଅହ୍‌ସନ୍, ଅଜିଜାଃ ଅଦିବାଃ ଅହ୍‌ମଦ୍, ଅଜିଜାଃ ଫରିହା ଶହ୍‌ଜାଦ୍, ଅଜିଜାଃ ଶାଫିୟା ଅଫ୍‌ଜଲ୍ ଏବଂ ଅଜିଜାଃ ଗଜାଲା ଶାଦ୍ ।

ତକ୍‌ରିବେ ଆମିନ୍ ଚାଲିଥିବା ସମୟରେ ଗୋଟିଏ ଝିଅ ପିଲା ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଦରଖାସ୍ତ କଲେ ଯେ, ହେ ମୋର ପ୍ରୀୟ ଆକା ! ମୋ ମୁଣ୍ଡ ଉପରେ ହାତ ବୁଲାଇ ଦିଅନ୍ତୁ ଏଥିରେ ହଜୁର ଅନଓ୍ୱର ଅ:ବ:ଅ ଅତ୍ୟନ୍ତ ସ୍ନେହର ସହିତ ସେହି ପିଲାଟିର ମୁଣ୍ଡ ଉପରେ ନିଜର ପବିତ୍ର ହସ୍ତକୁ ରଖିଲେ ଏହିପରି ସେହି ସୌଭାଗ୍ୟଶାଳୀ ପିଲାଟି ହଜୁରଙ୍କ ଦୁଆ ର ଭଣ୍ଡାରକୁ ନିଜ ସାଥିରେ ନେଇ ବିଦାୟ ହେଲା ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**DIE ZEIT News Paper ର ପ୍ରତିନିଧିଙ୍କ ସହିତ ହଜୁର ଅନଓ୍ୱର ଅ:ବ:ଅଙ୍କ ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ୫:୩୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan